**କବି ପ୍ରମୋଦ କୁମାର ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି**

ଭୁବନେଶ୍ୱର, (ବ୍ୟୁରୋ): କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପ୍ରମୋଦ କୁମାର ମହାନ୍ତିଙ୍କ ବିୟୋଗରେ ବୁଧବାର ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିବାବେଳେ ସଚିବ ଡ. କେ. ଶ୍ରୀନିବାସ ରାଓ, ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର ଦେବେଶ, ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ କବି ଅମରେଶ ପଟ୍ଟନାୟକ, ପ୍ରଫେସର ବିଜୟ ଶତପଥୀ, ଡ. ପ୍ରଦୀପ୍ତ ପଣ୍ଡା, ତରୁଣ ସାହୁ, ବିମଳ ଜେନା, ସୁଶାନ୍ତ ନାୟକ, ଡ. ଶ୍ୟାମ ଭୋଇ ଓ କ୍ଷେତ୍ରବାସୀ ନାଏକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୨।୨୦୨୨

| | |
|---|---|
| ୨,୪୨,୨୪୨ ଟଙ୍କା | |
| ସୁନା | ୨.୩୩୦ ଗ୍ରାମ |
| ରୁପା | ମିଳି ନାହିଁ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବଜେଟକୁ ବିରୋଧ କରି ଏଆଇଡିଡବ୍ଲ୍ୟୁଏ ପକ୍ଷରୁ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ ଛକ, ମଧ୍ୟାହ୍ନ ୧୨ଟା।

**ବାଲିଅନ୍ତା**

- ୨୬ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ଭିଙ୍ଗାରପୁର, ଦୁର୍ଗାମଣ୍ଡପ ପରିସର, ସକାଳ ୭ଟାରୁ ଆରମ୍ଭ।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ପଞ୍ଚମୁଖୀ ହନୁମାନ ମନ୍ଦିର, ବେଣୁପୁର, ଅପରାହ୍ନ, ୫ଟା।

## ସଂକ୍ଷେପରେ

### ନନ୍ଦନକାନନରେ ବିଶ୍ୱ ଆର୍ଦ୍ରଭୂମି ଦିବସ

**ବାରଙ୍ଗ, ୨।୨(ଡି.ଏନ୍.ଏ.):** ନନ୍ଦନକାନନରେ ବୁଧବାର ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଛି। ପର୍ଯ୍ୟଟକଙ୍କୁ ଉତ୍ସବରେ ସାମିଲ କରାଯିବା ସହ ସେମାନଙ୍କୁ ସଚେତନ କରିବା ଲାଗି ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ କରିଥିଲେ। ଆର୍ଦ୍ରଭୂମି ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କୁଇଜ୍ ଓ ଫଟୋଚିତ୍ର ପ୍ରତିଯୋଗିତା ହୋଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନନ୍ଦନକାନନର ଶିକ୍ଷା ଅଧିକାରୀ ମିଳନ ପଣ୍ଡା ଏହା ଆୟୋଜନରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ନନ୍ଦନକାନନ ଉପନିର୍ଦ୍ଦେଶକ ଡ. ସଞ୍ଜିତ୍ କୁମାର ଯୋଗଦେଇ ଉପସ୍ଥିତ ପର୍ଯ୍ୟଟକଙ୍କୁ ଆର୍ଦ୍ରଭୂମି ଦିବସ ସମ୍ପର୍କରେ ସଚେତନତା କରାଇଥିଲେ।

### ମହାପ୍ରଭୁଙ୍କୁ ପଦ୍ମଫୁଲ ଦେଲେ ଚିନ୍ତାମଣି

**ପୁରୀ ଅଫିସ ୨।୨:** ଶ୍ରୀବିଗ୍ରହମାନଙ୍କ ପଦ୍ମବେଶ ପାଇଁ ବୁଧବାର ଭୁବନେଶ୍ୱରର ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ଦାସ ପଦ୍ମଫୁଲ ଯୋଗାଇ ଦେଇଛନ୍ତି। ଦାସ ଗତ ୧୨ବର୍ଷ ହେବ ଏଭଳି ଭାବେ ପଦ୍ମଫୁଲ ଯୋଗାଇ ମହାପ୍ରଭୁଙ୍କ ସେବା କରିଆସୁଛନ୍ତି। ସେ ପ୍ରତିବର୍ଷ ସ୍ତ୍ରୀଙ୍କ ସହ ଶ୍ରୀକ୍ଷେତ୍ରକୁ ଆସି ପଦ୍ମଫୁଲ ଅର୍ପଣ କରିଥାନ୍ତି। ତେବେ ଚଳିତ ବର୍ଷ ତାଙ୍କ ସ୍ତ୍ରୀ ଅସୁସ୍ଥ ଥିବାରୁ ସେ ଜଣେ ବନ୍ଧୁ ଓ ଜ୍ୱାଇଁଙ୍କ ସହ ଆସି ପଦ୍ମଫୁଲ ଅର୍ପଣ କରିଛନ୍ତି। ଦାସ କହିଛନ୍ତି, ପଦ୍ମବେଶରେ ମହାପ୍ରଭୁ ସୋଲରେ ସୁସଜ୍ଜିତ ହେଉଥିବା ସେ ଶୁଣିବାକୁ ପାଇଥିଲେ। ତେବେ ସେ ମହାପ୍ରଭୁଙ୍କୁ ପଦ୍ମଫୁଲ ଦେବା ପାଇଁ ମନସ୍ଥ କରିଥିଲେ। ଫଳରେ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ କରି ଲିଜ୍‌ରେ ପୋଖରୀ ନେଇ ପଦ୍ମଫୁଲ ଚାଷ କରି ମହାପ୍ରଭୁଙ୍କୁ ଦେଇଆସୁଛନ୍ତି। ଚଳିତ ବର୍ଷ ସେ ୪ଟି ପୋଖରୀରେ ପଦ୍ମଫୁଲ ଚାଷ କରିଥିଲେ। ୩ଟି ବେତାରେ ପଦ୍ମଫୁଲ ଆଣିଥିଲେ। ସେଥିମଧ୍ୟରୁ ଦୁଇଟି ବେତା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏବଂ ଅନ୍ୟ ବେତାରୁ ଗୋଟିଏ ପୁଟୁଳି ମା' ମହାଲକ୍ଷ୍ମୀଙ୍କୁ ପ୍ରଦାନ କରିଥିଲେ। ସେହିପରି ମା' ବାଟମଙ୍ଗଳା, ମା' ବିମଳା ଏବଂ ମା' ଭୁବନେଶ୍ୱରୀଙ୍କୁ ଗୋଟିଏ ଲେଖାଏ ପୁଟୁଳି ପ୍ରଦାନ କରିଥିଲେ। ୧୦୮ ପଦ୍ମଫୁଲରେ ମାଳ ପ୍ରସ୍ତୁତ କରାଯାଇଛି। ମହାପ୍ରଭୁଙ୍କ ଏହି ସେବା କରି ସେ ନିଜକୁ ଧନ୍ୟ ମନେ କରୁଥିବା ଦାସ କହିଛନ୍ତି। ଜୀବନ ଥିବା ପର୍ଯ୍ୟନ୍ତ ସେ ପ୍ରତିବର୍ଷ ପଦ୍ମଫୁଲ ଯୋଗାଇ ଦେବେ ବୋଲି ଦାସ କହିଛନ୍ତି।

# ଡାକ ବିଭାଗରେ ଚାକିରି ନାଁରେ ୨୫ ଲକ୍ଷ ଠକେଇ

- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଗିରଫ
- ନକଲି କାଗଜପତ୍ର, କମ୍ପ୍ୟୁଟର, ରବର ଷ୍ଟାମ୍ପ୍, ମୋବାଇଲ୍ ଜବତ

**ଭୁବନେଶ୍ୱର,୨।୨(ବ୍ୟୁରୋ)**

ଭାରତୀୟ ଡାକ ସେବା ବିଭାଗରେ ଚାକିରି ଦେବାକୁ କହି ୨୫ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଯାଜପୁର ଜିଲା ସୁଜନପୁର ଏରବାଙ୍କ ଗ୍ରାମର ଦେବୀପ୍ରସାଦ ବିଶ୍ୱାଳ ଓରଫ ବିକି (୨୪) ଓ ସହଯୋଗୀ ସଦର ଥାନା ଅନ୍ତର୍ଗତ ବୈଦ୍ୟରାଜପୁରର ଶୁଭେନ୍ଦୁ ଜେନା(୪୦)। ବିକିଙ୍କଠାରୁ ଡାକ ବିଭାଗର ନାମ ଉଲ୍ଲେଖ ଥିବା ବହୁ ନକଲି କାଗଜପତ୍ର ସହ ଗୋଟିଏ ନକଲି ପରିଚୟ ପତ୍ର, ସର୍ଭିସ୍ ବୁକ୍, ମୋବାଇଲ ଫୋନ୍ ଓ ଏଟିଏମ୍ କାର୍ଡ ଜବତ କରାଯାଇଛି। ସେହିଭଳି ଶୁଭେନ୍ଦୁଙ୍କଠାରୁ କମ୍ପ୍ୟୁଟର, ମୋବାଇଲ ଫୋନ୍ ସହ ବିଭିନ୍ନ ପ୍ରକାରର ୭୮ଟି ରବର ଷ୍ଟାମ୍ପ ଓ ଦସ୍ତଖତ ଥିବା ରବର ଷ୍ଟାମ୍ପ ଆଦି ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବିକିଙ୍କ ନାମରେ ଯାଜପୁର ସଦର ଥାନା ସମେତ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର, ଶହୀଦନଗର ଥାନାରେ ଗୋଟିଏ ଲେଖାଏ ମାମଲା ରହିଥିବା ପୋଲିସ କହିଛି।

### ଠକ ସଜାଇଥିଲା ଠକେଇ

୨୦୧୮ରେ ମୁଖ୍ୟ ଅଭିଯୁକ୍ତ ବିକି ଗ୍ରାଜୁଏଶନ ପାସ୍ କରିଥିଲେ। ଏହି ସମୟରେ ପୋଷ୍ଟାଲରେ ଚାକିରି ଦେବାକୁ କହି ଜଣେ ପଡ଼ୋଶୀ ତାଙ୍କଠାରୁ ଅଢ଼େଇଲକ୍ଷ ଟଙ୍କା ଠକି ନେଇଥିଲେ। ଏହା ତାଙ୍କୁ ବହୁତ କଷ୍ଟ ଦେଇଥିଲା। ଏହାପରେ ବିକି ଅନ୍ୟମାନଙ୍କୁ ଠକିବାକୁ ଚିନ୍ତା କରିଥିଲେ। ସେ ଭୁବନେଶ୍ୱର ଚାଲିଆସି କାନନବିହାର ଅଞ୍ଚଳରେ ରହିଥିଲେ। ସେ ନିଜକୁ ଡାକ ବିଭାଗର ଜଣେ ଉଚ୍ଚପଦସ୍ଥ ଅଧିକାରୀ ବୋଲି ପରିଚୟ ଦେଉଥିଲେ। ବଡ଼ଗଡ଼ ବ୍ରିଟ କଲୋନୀରେ ରହୁଥିବା ଯାଜପୁର ଅଞ୍ଚଳର ସୌମ୍ୟରଞ୍ଜନ ଦାସଙ୍କ ସହ ସେ ପରିଚିତ ଥିଲେ। ପିଏମ୍‌ଜି ସ୍ଥିତ ଡାକ ବିଭାଗର ମୁଖ୍ୟାଳୟରେ ଚାକିରି ଦେବାକୁ କହି ସୌମ୍ୟରଞ୍ଜନ, ତାଙ୍କ ଭାଇ ଓ ବଳରାମ ସେନାପତି ନାମକ ଅନ୍ୟଜଣେ ବ୍ୟକ୍ତିଙ୍କଠାରୁ ୨୫ ଲକ୍ଷ ଟଙ୍କା ନେଇଥିଲେ। ସହଯୋଗୀ ଶୁଭେନ୍ଦୁଙ୍କ ଜରିଆରେ ନକଲି ନିଯୁକ୍ତିପତ୍ର ଓ ଆଇଡି କାର୍ଡ ପ୍ରସ୍ତୁତ କରି ସେମାନଙ୍କୁ ଦେଇଥିଲେ। ହେଲେ ନିର୍ଦ୍ଧାରିତ ତାରିଖରେ ଉକ୍ତ ନିଯୁକ୍ତିପତ୍ର ଧରି ସୌମ୍ୟରଞ୍ଜନ ଓ ଅନ୍ୟମାନେ ଚାକିରିରେ ଯୋଗ ଦେବାକୁ ଉକ୍ତ ଡାକ ଅଫିସ୍‌କୁ ଯାଇଥିଲେ। ହେଲେ ସେପରି କାହାକୁ କିଛି ନିଯୁକ୍ତିପତ୍ର ଦିଆଯାଇ ନ ଥିବା କାର୍ଯ୍ୟାଳୟ ପକ୍ଷରୁ କୁହାଯିବା ପରେ ସେମାନେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଗତ ୨୭ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ (ନଂ. ୩୨/୨୨) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଭୁଲ୍ ପାଇଁ ଅନୁତାପ କରି କାନ୍ଦିଲେ ବିକି

ଅଭିଯୁକ୍ତ ବିକି ଗଣମାଧ୍ୟମ ଆଗରେ ନିଜ ଭୁଲ୍ ସ୍ୱୀକାର କରିଛନ୍ତି। ସେ କହିଥିଲେ, ମୋ ବାପା-ମା'ଙ୍କ ଦେହ ଖରାପ। ଏମିତି ଭୁଲ୍ ଆଉ କରିବି ନାହିଁ। ମତେ କ୍ଷମା କରିଦିଅନ୍ତୁ। ୨୪ବର୍ଷ ବୟସରୁ ମୋ କ୍ୟାରିୟର ବରବାଦ ହୋଇଗଲା। ଜେଲରୁ ଫେରିବା ପରେ ଭଲ ହୋଇଯିବି ବୋଲି ସେ କାନ୍ଦିକାନ୍ଦି କହିଥିଲେ। ଏପରିକି ଜାମିନରେ ଆସିବା ପରେ ସମସ୍ତଙ୍କୁ ଟଙ୍କା ଫେରାଇଦେବି ବୋଲି ବିକି କହିଛନ୍ତି।



ରଣାସେବକମାନଙ୍କ ଦ୍ୱାରା ସୋଲରେ ପ୍ରସ୍ତୁତ ପଦ୍ମକୁ ବୁଧବାର ମହାପ୍ରଭୁଙ୍କ ପଦ୍ମବେଶ ପାଇଁ ଶ୍ରୀମନ୍ଦିରକୁ ନିଆଯାଉଛି।

# ଏସ୍‌ଟିଏଫ୍ ଚଢ଼ାଉ: ୧୭ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

**କାର ଜବତ, ଅଭିଯୁକ୍ତ ଗିରଫ**

**ଭୁବନେଶ୍ୱର(ବ୍ୟୁରୋ)/ ଜଟଣୀ,୨।୨ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ପିଏନ୍ ହାଇସ୍କୁଲ ନିକଟରେ ବୁଧବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ଏକ ଗଞ୍ଜେଇ ଭର୍ତ୍ତି କାର ଜବତ କରିବା ସହ ଜଣେ ଚାଲାଣକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ରାମଚନ୍ଦ୍ରପୁରର ମହେନ୍ଦ୍ର ବେହେରା ଓରଫ ବାପି। ଏଥିସହ ଜବତ କାର୍‌ରୁ ୧୭ ଲକ୍ଷ ଟଙ୍କାର ୧୭୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୦୨/୨୦୨୨) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଗିରଫ ଅଭିଯୁକ୍ତଙ୍କ ନାମରେ ଜଟଣୀ ଥାନାରେ ୨୦୧୦ ମସିହାରେ ଏକ ହତ୍ୟା ମାମଲା ରହିଛି। ଏହି ମାମଲାରେ ସେ ୪ବର୍ଷ ଜେଲ ଯାଇଥିଲେ ବୋଲି ଏସ୍‌ଟିଏଫ୍ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛି। ସୂଚନାଯୋଗ୍ୟ, ନିଶାଦ୍ରବ୍ୟ ଚୋରା ଚାଲାଣ ରୋକିବା ପାଇଁ କ୍ରାଇମବ୍ରାଞ୍ଚ ଚଢ଼ାଉକୁ ଜୋର୍‌ଦାର କରିଛି। ୨୦୨୦ ମସିହାରୁ ଏଯାଏ ଏସ୍‌ଟିଏଫ୍ ୪୭ କେଜି ବ୍ରାଉନସୁଗାର, ୮୯ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୧୨୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଏସ୍‌ଟିଏଫ୍ କହିଛି।

# ବିମାନବନ୍ଦରରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ହେଲ୍‌ପ ଡେସ୍କ

**ଭୁବନେଶ୍ୱର, ୨।୨(ବ୍ୟୁରୋ)**




ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ଯିବାଆସିବା ସୁବିଧା ସମ୍ପର୍କିତ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିଆଇଏସ୍‌ଏଫ୍‌ର ସିଏଏସ୍‌ଓ ସୁଧୀର କୁମାରଙ୍କ ଆବାହକତ୍ୱରେ ଆୟୋଜିତ ବୈଠକକୁ ବିମାନବନ୍ଦର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ବେଉରିଆ ଅଧ୍ୟକ୍ଷତା କରିଥିଲେ। ଏଥିରେ ସମସ୍ତ ଏୟାରଲାଇନ୍ସର ଷ୍ଟେଶନ ମ୍ୟାନେଜର, ଏଏଆଇ ଟର୍ମିନାଲ୍ ଟିମ୍, ସିଆଇଏସ୍‌ଏଫ୍ ଏବଂ ଦିବ୍ୟାଙ୍ଗ ଯାତ୍ରୀ ଯାତ୍ରା ସମୟରେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ସୁବିଧା ସହ ଜଡ଼ିତ ଥିବା ବିଭିନ୍ନ ଏନ୍‌ଜିଓ ମୁଖ୍ୟମାନେ ଯୋଗ ଦେଇଥିଲେ।

ଓପନ୍ ଲର୍ନିଂ ସିଷ୍ଟମର ନିର୍ଦ୍ଦେଶିକା କସ୍ତୁରୀ ମହାପାତ୍ର, ସ୍ୱାଭିମାନ୍‌ର ସିଇଓ ଶ୍ରୁତି ମହାପାତ୍ର, ଆଇନାର ସ୍ନେହା ମିଶ୍ର, ଭିନ୍ନକ୍ଷମ ଅଧିକାର କର୍ମୀ ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ବୈଠକରେ ଯୋଗ ଦେଇ ଦିବ୍ୟାଙ୍ଗମାନେ ଯାତ୍ରା ସମୟରେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏଥିସହିତ ଦିବ୍ୟାଙ୍ଗଙ୍କ ପ୍ରତି କର୍ମଚାରୀଙ୍କ ଦୃଷ୍ଟିଭଙ୍ଗୀକୁ ପରିବର୍ତ୍ତନ କରିବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିମାନବନ୍ଦର ପ୍ରାଧିକରଣ ଅଫ୍ ଇଣ୍ଡିଆ ଦ୍ୱାରା ଆସିଥିବା ହେଲ୍ପ ଡେସ୍କ କାଉଣ୍ଟରଗୁଡ଼ିକୁ ଉଦ୍‌ଘାଟନ କରାଯିବା ସହ ଦିବ୍ୟାଙ୍ଗଙ୍କ ବାଧାହୀନ ଯାତ୍ରାକୁ ସୁନିଶ୍ଚିତ କରିବାକୁ ସମସ୍ତ ପଦକ୍ଷେପ ନେବାକୁ ବିମାନ ବନ୍ଦର କର୍ତ୍ତୃପକ୍ଷ ନିଶ୍ଚିତ କରିଥିଲେ।

## ୧.୮ ଲକ୍ଷ ଟଙ୍କାର ସାମଗ୍ରୀ କିଣି ଠକିଦେଲେ

**ମୁଖ୍ୟ ଅଭିଯୁକ୍ତ ଫେରାର, ସହଯୋଗୀ ଗିରଫ**

**ଭୁବନେଶ୍ୱର,୨।୨(ବ୍ୟୁରୋ)**

ରାଜଧାନୀର ଜଣେ ବ୍ୟବସାୟୀଙ୍କୁ ସରକାରୀ କର୍ମଚାରୀ କହି ୧ ଲକ୍ଷ ୮୦ ହଜାର ଟଙ୍କାର ଇଲେକ୍ଟ୍ରିକାଲ ସାମଗ୍ରୀ ନେଇ ଠକିବା ମାମଲାରେ ମଞ୍ଚେଶ୍ୱର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ସଦର ଥାନା ଅଞ୍ଚଳର ରଶ୍ମିରଞ୍ଜନ ସାହୁ(୧୯)। ତେବେ ମୁଖ୍ୟ ଅଭିଯୁକ୍ତ ଖୋର୍ଦ୍ଧାର ସୁନିଲ ମିଶ୍ର ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି। ସୁନିଲ ସ୍ଥାନୀୟ ଅଞ୍ଚଳର ଜଣେ ଟେଣ୍ଟ ହାଉସ ମାଲିକଙ୍କୁ କିଛି ସାମଗ୍ରୀ ବିକ୍ରି କରିବା ସହ ସହଯୋଗୀ ରଶ୍ମିରଞ୍ଜନଙ୍କୁ ମଧ୍ୟ କିଛି ସାମଗ୍ରୀ ଦେଇଥିଲେ। ପୋଲିସ ସମସ୍ତ ଇଲେକ୍ଟ୍ରିକାଲ ସାମଗ୍ରୀକୁ ଜବତ କରିଛି। ସୂଚନା ଅନୁଯାୟୀ, ରସୁଲଗଡ଼ ପାଲା ମଣ୍ଡପ ନିକଟରେ ଚନ୍ଦ୍ରକାନ୍ତ ନାଥ ଏକ ଇଲେକ୍ଟ୍ରିକାଲ ଦୋକାନ କରିଛନ୍ତି। ଗତ ୧୭ ତାରିଖରେ ଚନ୍ଦ୍ରକାନ୍ତଙ୍କୁ ଅଭିଯୁକ୍ତ ସୁନିଲ ଫୋନ୍ କରି ସରକାରୀ କର୍ମଚାରୀ ବୋଲି ପରିଚୟ ଦେଇ ନୂଆ କୋଭିଡ୍ ହସ୍ପିଟାଲ ପାଇଁ ଆବଶ୍ୟକ ଇଲେକ୍ଟ୍ରିକାଲ ସାମଗ୍ରୀ ନଅ ତାଲା ପାଖକୁ ପଠାଇବାକୁ କହିଥିଲେ। ଏଥିସହ ସୁନିଲଙ୍କ ପାଖକୁ ମଧ୍ୟ ଏକ ଗାଡ଼ି ପଠାଇଥିଲେ। ଚନ୍ଦ୍ରକାନ୍ତ ଉକ୍ତ ଗାଡ଼ିରେ ୧ ଲକ୍ଷ ୮୦ ହଜାର ଟଙ୍କାର ସାମଗ୍ରୀ ଭର୍ତ୍ତି କରି ପଠାଇବା ସହ ଗାଡ଼ି ପଛେ ପଛେ ଯାଇଥିଲେ। ସେ ନଅତାଲା ଭିତରକୁ ଯିବା ଭିତରେ ଡ୍ରାଇଭର ଜଣକ ସାମଗ୍ରୀ ଭର୍ତ୍ତି ଗାଡ଼ି ନେଇ ଫେରାର ହୋଇଯାଇଥିଲେ।

## ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରୀ ବୈଠକ

**ପୁରୁଣା ଭୁବନେଶ୍ୱର,୨।୨(ଡି.ଏନ.ଏ)**

ମାର୍ଚ୍ଚ ୧ରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗର ତଥା ମହାଶିବରାତ୍ରି ହେବ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବୁଧବାର ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ହେଲେ ବୈଠକରେ ସେବାୟତ ସମିତି, ବ୍ରାହ୍ମଣ ନିଯୋଗ ଓ ସମର୍ଥ ନିଯୋଗର ସେବାୟତ ଅନୁପସ୍ଥିତ ଥିଲେ। ମନ୍ଦିର ପ୍ରଶାସନ କାହାର ବିନା ଅନୁମତି ଓ ଇଚ୍ଛା ମୁତାବକ ବୈଠକ କରି ଥିବାରୁ ସେବାୟତ ଅନୁପସ୍ଥିତ ଥିବା ନେଇ ଜଣେ ସେବାୟତ କହିଛନ୍ତି।






@ ବାବୁନି



@ ଗଜାନନ



@ ସୁନୀଲ



@ ଲିପିକା



@ ରାଜେଶ



@ ହରି

# ଓରେରା ଅଧିନିୟମକୁ ଅଣଦେଖା ନେଇ ଉପଜିଲାପାଳଙ୍କୁ ଚିଠି

**ପୁରୁଣା ଭୁବନେଶ୍ୱର,୨।୨(ଡି.ଏନ.ଏ)**

ଓଡ଼ିଶା ରିଅଲ ଇଷ୍ଟେଟ ରେଗୁଲେଟୋରୀ ଅଥରିଟି (ଓରେରା) ଆକ୍ଟ ଓ ରିୟଲ ଇଷ୍ଟେଟ ରେଗୁଲେଟରି ଅଧିନିୟମ ଲାଗୁ କରିବାକୁ ରାଜସ୍ୱ ବିଭାଗ ୨୦୧୭ରୁ ନିର୍ଦ୍ଦେଶ ଦେଇଛି। ମାତ୍ର ଏହାକୁ ବିଭିନ୍ନ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଠିକ୍ ଭାବେ ପାଳନ କରାଯାଉ ନ ଥିବା ଅଭିଯୋଗ ହେଉଛି। ବାଲିପାଟଣା, ଖଣ୍ଡଗିରି, ବାଲିଅନ୍ତା, ପିପିଲି ଆଦି ସବରେଜିଷ୍ଟ୍ରି କାର୍ଯ୍ୟାଳୟରେ ଏହାକୁ ଅଣଦେଖା କରାଯାଇ ପାର୍ଟ ପ୍ଲଟ ବିକ୍ରି ଖରିଦ କରାଯାଉଥିବା ଏକାମ୍ର ଜନ ଜାଗରଣ ମଞ୍ଚ ଅଭିଯୋଗ କରିଛି। ଏ ନେଇ ମଞ୍ଚ ପକ୍ଷରୁ ବୁଧବାର ଉପଜିଲାପାଳଙ୍କୁ ନିକଟକୁ ଏକ ଚିଠି ଲେଖାଯାଇଛି। ଘଟଣାକୁ ଗୁରୁତ୍ୱର ସହ ନେଇ ଉଚିତ୍ ପଦକ୍ଷେପ ନେବାକୁ ମଞ୍ଚ ଦାବି କରିଛି। ଅନ୍ୟପଟେ ପିପିଲି ସବ୍‌ରେଜିଷ୍ଟ୍ରି ଅଫିସ୍‌ର ଜଣେ ଅଧିକାରୀ ଓରେରା ଆକ୍ଟ ଅନୁଯାୟୀ ରେଜିଷ୍ଟ୍ରି ହେଉଥିବା ସଫେଇ ଦେଇଛନ୍ତି। ସେହିଭଳି ବାଲିଅନ୍ତା ତହସିଲଦାର ସରୋଜ କୁମାର ପଣ୍ଡା ମଧ୍ୟ ଓରେରା ଅଧିନିୟମ ଅନୁଯାୟୀ ବିକ୍ରି ଖରିଦ କରାଯାଉଥିବା କହିଛନ୍ତି।



ମହାପ୍ରଭୁଙ୍କ ପଦ୍ମବେଶ ପାଇଁ ବୁଧବାର ଭୁବନେଶ୍ୱରର ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ଦାସ ଆଣିଥିବା ପଦ୍ମଫୁଲ।




ଆତ୍ମନିର୍ଭର ବଜେଟ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍‌ବୋଧନର ସିଧା ପ୍ରସାରଣକୁ ବୁଧବାର ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ ନେତୃବୃନ୍ଦ ଦେଖୁଛନ୍ତି।



ମାଘ ସପ୍ତମୀ ବୁଡ଼ ଲାଗି କୋଣାର୍କରେ ଖନନ ଚାଲିଥିବା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ କାର୍ଯ୍ୟକୁ ବୁଧବାର ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀମାନେ ଅନୁଧ୍ୟାନ କରୁଛନ୍ତି।

## ଉତ୍କଳ ଗୌରବଙ୍କ ସମାଧିପୀଠ ମରାମତି

କଟକ ଅଫିସ: ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମାଧିପୀଠ ଗୋରାକବର ପରିସର ସଫେଇ, ମୂର୍ତ୍ତି ରଙ୍ଗ ଓ ମରାମତି କାମ ବୁଧବାର କରାଯାଇଛି। ଏଥିସହ ହରିଣ ପାର୍କ ନିକଟରେ ଥିବା ମୂର୍ତ୍ତିକୁ ରଙ୍ଗ କରାଯାଇ ମରାମତି ମଧ କରାଯାଇଛି। ଓଡ଼ିଆ ଜାତିର ଗର୍ବ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଉଚିତ୍ ସମ୍ମାନ ମିଳିବା ଆବଶ୍ୟକ। ତାଙ୍କ ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟ କରାଯାଇଛି ବୋଲି ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା କୁନା ତ୍ରିପାଠୀ କହିଛନ୍ତି। ସଭାପତି ମନୋଜ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲିମା ମହାପାତ୍ର, ଆରତୀ ମହାରଣା, ଶାନ୍ତିଲତା ମହାରଣା, ଜିଜାଲୀନ ପାତ୍ର, କାର୍ତ୍ତିକ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

କଟକ

- ୨୫ ଦିଗ ଭାଗ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଲୋକାଚାର ଅଭିଷେକ, ରଘୁନାଥଜୀଉ ମନ୍ଦିର, ଚୈଧୁରୀ ବଜାର, ପୂର୍ବାହ୍ନ ୧୦ଟା।
- ହିନ୍ଦୁସେନା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା ୩୦।
- ବିଶ୍ୱ କ୍ୟାନ୍ସର ଦିବସ ଅବସରରେ ଆଲୋଚନାଚକ୍ର, ଓଡ଼ିଶା ନୈବାଣିଜ୍ୟ ସଂଗ୍ରହାଳୟ, ଯୋବ୍ରା, ଅପରାହ୍ନ ୫ଟା ୩୦।

## ସଂକ୍ଷେପରେ

### ପ୍ରାର୍ଥିନୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ, ଯୁବକ ଗିରଫ

ଚୌଦ୍ୱାର, ୨।୨(ଡି.ଏନ.ଏ.)-ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାରବେଳେ ପ୍ରାର୍ଥିନୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଚୌଦ୍ୱାର ପୋଲି ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଆଗ୍ରାହାଟ ବ୍ରାହ୍ମଣସାହିର ଧୀରେନ୍ଦ୍ର ନାୟକ। ମଙ୍ଗଳବାର ବ୍ରାହ୍ମଣସାହିରେ ୧୧ନଂ. ଜୋନ୍‌ର ବିଜେଡି ଜିଲା ପରିଷଦ ପ୍ରାର୍ଥିନୀ ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥିନୀ ପ୍ରଚାର କରୁଥିବାବେଳେ ଧୀରେନ୍ଦ୍ର ଓ ତାଙ୍କ ସହଯୋଗୀମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଜ୍ୟୋତ୍ସ୍ନାରାଣୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୩/୨୨) ରୁଜୁ କରିଛି।

### କେନ୍ଦ୍ରାଞ୍ଚଳ ଆଇଜିଙ୍କ ଆଠଗଡ଼ ଥାନା ଗସ୍ତ

ଆଠଗଡ଼,୨।୨(ସ୍ୱ.ପ୍ର.) କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ବୁଧବାର ଆଠଗଡ଼ ଥାନା ଗସ୍ତରେ ଆସିଥିଲେ। ଏ ସମ୍ପର୍କରେ ସେ ପୂର୍ବରୁ ସୂଚନା ଦେଇ ନ ଥିଲେ। ସେ ଥାନାରେ ପହଞ୍ଚି ପୋଲିସର ସ୍ଥାନୀୟ ଅଞ୍ଚଳର କାର୍ଯ୍ୟ ସମ୍ପର୍କରେ ଥାନା ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏହା ଏକ ରୁଟିନ୍ ଚେକ୍‌ଅପ୍ ବୋଲି ଆଇଜି ଭୋଳ କହିଛନ୍ତି।

### ଦୁର୍ଘଟଣାରେ ୩ ବାଇକ୍ ଆରୋହୀ ଗୁରୁତର

ଚୌଦ୍ୱାର, ୨।୨(ଡି.ଏନ.ଏ.)- ୧୬ ନମ୍ବର ଜାତୀୟ ରାଜପଥର ମଙ୍ଗୁଳି ଛକରେ ସଡ଼କ ଦୁର୍ଘଟଣା ଘଟି ୩ ଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ କଟକ ବାଦାମବାଡ଼ି ଅଞ୍ଚଳର ସ୍ମୃତିରଞ୍ଜନ ପରିଡ଼ାଙ୍କ ପରିଚୟ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଚଣ୍ଡିଖୋଲ ଆଡୁ କଟକ ଅଭିମୁଖେ ଏକ ପଲ୍‌ସର ବାଇକ୍ ଯାଉଥିବାବେଳେ ପଥରରେ ପିଟି ହୋଇଯାଇଥିଲା। ଫଳରେ ବାଇକ୍ ରାସ୍ତାରେ ପଡିଥିବାବେଳେ ଚାଳକ ଗୁରୁତର ହୋଇଥିଲେ। ଏହି ସମୟରେ ପଛରୁ ଆସୁଥିବା ଅନ୍ୟଏକ ବାଇକ୍ ଭାରସାମ୍ୟ ହରାଇ ଉକ୍ତ ଗାଡିରେ ପିଟି ହୋଇଯାଇଥିଲା। ଏଥିରେ ବସିଥିବା ୨ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରମାନଙ୍କୁ ହସ୍ପିଟାଲ ପଠାଇଥିଲା।

### ଏମ୍‌ଆର୍‌ଏଫ୍, ଏମ୍‌ସିସି ଉଦ୍‌ଘାଟିତ

କଟକ ଅଫିସ, ୨।୨- କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରରେ ଆରମ୍ଭ ହୋଇଛି ଆଉଏକ ମେଟ୍ରିଆଲ ରିକୋଭରି ଫାସିଲିଟି (ଏମ୍‌ଆର୍‌ଏଫ୍) ଓ ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଣ୍ଟର(ଏମ୍‌ସିସି)। ଜଗତ୍‌ପୁରସ୍ଥିତ ଇଡ୍‌କୋ ପଡିଆରେ ସିଏମ୍‌ସି ଡେପୁଟି କମିଶନର ସଞ୍ଜିବିତା ରାୟ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଏମ୍‌ଆର୍‌ଏଫ୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେବ। ଏଠାରେ ପ୍ରତିଦିନ ୫ ଟନ୍‌ର କମ୍ପୋଷ୍ଟ ପ୍ରସ୍ତୁତ ହୋଇପାରିବ। ସୂଚନାଥାଉ କି, ବର୍ତ୍ତମାନ ସହରରେ ୯ଟି ଏମ୍‌ଆର୍‌ଏଫ୍ ଓ ୨ଟି ଏମ୍‌ସିସି କାର୍ଯ୍ୟକ୍ଷମ ରହିଛି।

# ଡାକ ବିଭାଗରେ ଚାକିରି ନାଁରେ ୨୫ ଲକ୍ଷ ଠକେଇ

ଭୁବନେଶ୍ୱର,୨।୨(ବ୍ୟୁରୋ)

- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଗିରଫ
- ନକଲି କାଗଜପତ୍ର, କମ୍ପ୍ୟୁଟର, ରବର ଷ୍ଟାମ୍ପ୍, ମୋବାଇଲ୍ ଫୋନ୍

ଭାରତୀୟ ଡାକ ସେବା ବିଭାଗରେ ଚାକିରି ଦେବାକୁ କହି ୨୫ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଯାଜପୁର ଜିଲା ସୁଜନପୁର ଏରବାଙ୍କ ଗ୍ରାମର ଦେବୀପ୍ରସାଦ ବିଶ୍ୱାଳ ଓରଫ ବିକି (୨୪) ଓ ସହଯୋଗୀ ସଦର ଥାନା ଅନ୍ତର୍ଗତ ବୈଦ୍ୟରାଜପୁରର ଶୁଭେନ୍ଦୁ ଜେନା(୪୦)। ବିକିଙ୍କଠାରୁ ଡାକ ବିଭାଗର ନାମ ଉଲ୍ଲେଖ ଥିବା ବହୁ ନକଲି କାଗଜପତ୍ର ସହ ଗୋଟିଏ ନକଲି ପରିଚୟ ପତ୍ର, ସର୍ଭିସ୍ ବୁକ୍, ମୋବାଇଲ ଫୋନ୍ ଓ ଏଟିଏମ୍ କାର୍ଡ୍ ଜବତ କରାଯାଇଛି। ସେହିଭଳି ଶୁଭେନ୍ଦୁଙ୍କଠାରୁ କମ୍ପ୍ୟୁଟର, ମୋବାଇଲ ଫୋନ୍ ସହ ବିଭିନ୍ନ ପ୍ରକାରର ୭୮ ରବର ଷ୍ଟାମ୍ପ ଓ ଦସ୍ତଖତ ଥିବା ରବର ଷ୍ଟାମ୍ପ ଆଦି ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବିକିଙ୍କ ନାମରେ ଯାଜପୁର ସଦର ଥାନା ସମେତ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର, ଶହୀଦନଗର ଥାନାରେ ଗୋଟିଏ ଲେଖାଏ ମାମଲା ରହିଥିବା ପୋଲିସ କହିଛି।

### ଠକ ସଜାଇଥିଲା ଠକେଇ

୨୦୧୮ରେ ମୁଖ୍ୟ ଅଭିଯୁକ୍ତ ବିକି ଗ୍ରାଜୁଏଶନ ପାସ୍ କରିଥିଲେ। ଏହି ସମୟରେ ପୋଷ୍ଟାଲରେ ଚାକିରି ଦେବାକୁ କହି ଜଣେ ପଡ଼ୋଶୀ ତାଙ୍କଠାରୁ ଅଢ଼େଇଲକ୍ଷ ଟଙ୍କା ଠକି ନେଇଥିଲେ। ଏହା ତାଙ୍କୁ ବହୁତ କଷ୍ଟ ଦେଇଥିଲା। ଏହାପରେ ବିକି ଅନ୍ୟମାନଙ୍କୁ ଠକିବାକୁ ଚିନ୍ତା କରିଥିଲେ। ସେ ଭୁବନେଶ୍ୱର ଚାଲିଆସି କାନବିହାର ଅଞ୍ଚଳରେ ରହିଥିଲେ। ସେ ନିଜକୁ ଡାକ ବିଭାଗର ଜଣେ ଉଚ୍ଚପଦସ୍ଥ ଅଧିକାରୀ ବୋଲି ପରିଚୟ ଦେଉଥିଲେ। ବଡ଼ଗଡ଼ ବ୍ରିଟ କଲୋନୀରେ ରହୁଥିବା ଯାଜପୁରର ଅଞ୍ଚଳର ସୌମ୍ୟରଞ୍ଜନ ଦାସଙ୍କ ସହ ସେ ପରିଚିତ ଥିଲେ। ପିଏମ୍‌ଜି ସ୍ଥିତ ଡାକ ବିଭାଗର ମୁଖ୍ୟାଳୟରେ ଚାକିରି ଦେବାକୁ କହି ସୌମ୍ୟରଞ୍ଜନ, ତାଙ୍କ ଭାଇ ଓ ବଳରାମ ସେନାପତି ନାମକ ଅନ୍ୟଜଣେ ବ୍ୟକ୍ତିଙ୍କଠାରୁ ୨୫ ଲକ୍ଷ ଟଙ୍କା ନେଇଥିଲେ। ସହଯୋଗୀ ଶୁଭେନ୍ଦୁଙ୍କ ଜରିଆରେ ନକଲି ନିଯୁକ୍ତିପତ୍ର ଓ ଆଇଡି କାର୍ଡ ପ୍ରସ୍ତୁତ କରି ସେମାନଙ୍କୁ ଦେଇଥିଲେ। ହେଲେ ନିର୍ଦ୍ଧାରିତ ତାରିଖରେ ଉକ୍ତ ନିଯୁକ୍ତିପତ୍ର ଧରି ସୌମ୍ୟରଞ୍ଜନ ଓ ଅନ୍ୟମାନେ ଚାକିରିରେ ଯୋଗ ଦେବାକୁ ଉକ୍ତ ଡାକ ଅଫିସ୍‌କୁ ଯାଇଥିଲେ। ହେଲେ ସେପରି କାହାକୁ କିଛି ନିଯୁକ୍ତିପତ୍ର ଦିଆଯାଇ ନ ଥିବା କାର୍ଯ୍ୟାଳୟ ପକ୍ଷରୁ କୁହାଯିବା ପରେ ସେମାନେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଗତ ୨୭ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ (ନଂ. ୩୨/୨୨) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଭୁଲ୍ ପାଇଁ ଅନୁତାପ କରି କାନ୍ଦିଲେ ବିକି

ଅଭିଯୁକ୍ତ ବିକି ଗଣମାଧ୍ୟମ ଆଗରେ ନିଜ ଭୁଲ୍ ସ୍ୱୀକାର କରିଛନ୍ତି। ସେ କହିଥିଲେ, ମୋ ବାପା-ମାଙ୍କ ଦେହ ଖରାପ। ଏମିତି ଭୁଲ୍ ଆଉ କରିବି ନାହିଁ। ମତେ କ୍ଷମା କରିଦିଅନ୍ତୁ। ୨୪ବର୍ଷ ବୟସରୁ ମୋ କ୍ୟାରିୟର ବରବାଦ ହୋଇଗଲା। ଜେଲରୁ ଫେରିବା ପରେ ଭଲ ହୋଇଯିବି ବୋଲି ସେ କାନ୍ଦିକାନ୍ଦି କହିଥିଲେ। ଏପରିକି ଜାମିନ୍‌ରେ ଆସିବା ପରେ ସମସ୍ତଙ୍କୁ ଟଙ୍କା ଫେରାଇଦେବି ବୋଲି ବିକି କହିଛନ୍ତି।


ରଣାସେବକମାନଙ୍କ ଦ୍ୱାରା ସୋଲରେ ପ୍ରସ୍ତୁତ ପଦ୍ମକୁ ବୁଧବାର ମହାପ୍ରଭୁଙ୍କ ପଦ୍ମବେଶ ପାଇଁ ଶ୍ରୀମନ୍ଦିରକୁ ନିଆଯାଉଛି।

### ଗଣ୍ଡଗୋଳ ରୋକିବା ପାଇଁ ପୋଲିସର ପଦକ୍ଷେପ

କଟକ ସଦର, ୨।୨(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସମ୍ଭାବ୍ୟ ଗଣ୍ଡଗୋଳ ରୋକିବା ପାଇଁ କଟକ ସଦର ବ୍ଲକ ଅଞ୍ଚଳରେ ପୋଲିସ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ୧୦୭ ଦଫାରେ ଏବେସୁଦ୍ଧା ୪୦୦ ମାମଲା କରାଯାଇଛି। କିଶନନଗର ଥାନା ଅଧୀନ ୧୯ଟି ପଞ୍ଚାୟତର ୩୪୦ ଜଣଙ୍କ ନାଁରେ ମାଜିଷ୍ଟ୍ରେଟଙ୍କ କୋର୍ଟରେ ମାମଲା ଦାଏର ହୋଇଛି। ସେହିପରି କନ୍ଦରପୁର ଓ ୪୨ ମୌଜା ଥାନାରେ ୬୦ଟି ମାମଲା ଦାଏର ହୋଇଛି ବୋଲି କଟକ ଡିସିପିଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। କନ୍ଦରପୁର ଥାନାରେ ୨୨ ଜଣ, ୪୨ ମୌଜା ଥାନା ଝାରକଟା ପଞ୍ଚାୟତର ୧୪ ଜଣ, ବ୍ରହ୍ମପୁର ଓ ଦଧିବାମନପୁର ପଞ୍ଚାୟତର ୨୪ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି।

### ଭାଜପାରେ ମିଶିଲେ ଶତାଧିକ ଯୁବକ

କଟକ ଅଫିସ, ୨।୨

କଟକ ଜିଲା ଭାଜପା ପକ୍ଷରୁ ଯୋବ୍ରା ପାରେଶ୍ୱର ସାହିରେ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାର ପୂର୍ବତନ କର୍ପୋରେଟର ଚିତ୍ତ ରଞ୍ଜନ ଦାସଙ୍କ ନେତୃତ୍ୱରେ ଅନ୍ୟ ଦଳର ଶତାଧିକ କର୍ମକର୍ତ୍ତା ଭାଜପାରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପାର ନେତା ଜୟଦେବ ପୃଷ୍ଟି, ସୁରଭି ରଞ୍ଜନ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଧିରେନ୍ଦ୍ର ସେଠୀ, ଦୁର୍ଗା ଚରଣ ବେହେରା, ସୁଶାନ୍ତ କୁମାର ନାୟକ, ନିହାର ରଞ୍ଜନ ଦାସ, ଦେବୀ ମହାପାତ୍ର, ଗୋବିନ୍ଦ ବେହେରା, ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଟଙ୍କା ମାଗିବାରୁ ଢାବା ମାଲିକଙ୍କୁ ଆକ୍ରମଣ

ଆଠଗଡ଼,୨।୨(ସ୍ୱ.ପ୍ର.)

- ଢାବାରେ ବ୍ୟାପକ ଭଙ୍ଗାରୁଜା
- ଆସବାବପତ୍ର, ଶୋ'କେସ୍ ଭାଙ୍ଗି ସୁନାଚେନ୍ ଲୁଟ୍
- ଅଭିଯୁକ୍ତଙ୍କ ଗିରଫ ଦାବିରେ ରାସ୍ତାରୋକୋ

ଆଠଗଡ଼ ଥାନା ଅନ୍ତର୍ଗତ ରାଜନଗର ଏବଂ ବେତଖୋଲି ମଝି ମୁଣ୍ଡଳୀ ରାସ୍ତାରେ ଥିବା ଯୁବରାଜ ଢାବାରେ ବୁଧବାର ଅପରାହ୍ନ ପ୍ରାୟ ୩ଟା ବେଳେ ଖାଇବା ପରେ ଟଙ୍କା ଦେବାକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟିଛି। ଏହି ସମୟରେ ଢାବା ମାଲିକଙ୍କ ସମେତ ୩ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରତିବାଦରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆଠଗଡ଼ ଚାନ୍ଦବାଲି ଛକ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ ଅଫିସ ସାମ୍ନାରେ ରାସ୍ତାରୋକୋ ହୋଇଛି। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତମାନେ ଢାବାକୁ ଖାଇବାକୁ ଆସିଥିଲେ। ଖାଇବା ପରେ ଟଙ୍କା ଦେବାକୁ କେନ୍ଦ୍ର କରି ଢାବା ମାଲିକ ହରପ୍ରସାଦ ବାରିକ, ପୁଅ ରୁଦ୍ର ପ୍ରସାଦ ବାରିକ ଏବଂ ପୁତୁରା ଧବଳ ପ୍ରସାଦ ବାରିକଙ୍କ ସହ ସେମାନଙ୍କ ପାଟିତୁଣ୍ଡ ହୋଇଥିଲା। ଏନେଇ ଅଭିଯୁକ୍ତମାନେ ସେମାନଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିବା ସହ ଢାବାରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ବିଭିନ୍ନ ଆସବାବପତ୍ର ଓ ଶୋ'କେସ୍ ଭାଙ୍ଗି ଗୋଟିଏ ସୁନାଚେନ୍ ନେଇଯାଇଥିଲେ। ଢାବା ଭିତରେ ଥିବା ସିସିଟିଭି କ୍ୟାମେରା ସହ ହାର୍ଡଡିସ୍କ ନେଇ ଚାଲିଯାଇଥିଲେ। ଏହାପରେ ଆହତ ଢାବା ମାଲିକ ହରପ୍ରସାଦଙ୍କୁ ଆଠଗଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ପ୍ରତିବାଦରେ ସ୍ଥାନୀୟ ଯୁବକମାନେ ଚାନ୍ଦବାଲି ଛକରେ ରାସ୍ତାରୋକୋ କରିବାରୁ ଏକ ଘଣ୍ଟା ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ବିଶି, ଥାନା ଅଧିକାରୀ ବାମଦେବ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଅପରପକ୍ଷେ ଅଭିଯୁକ୍ତଙ୍କ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ ହୋଇଥିବା ସୂଚନା ମିଳିଛି।

# ମହାପ୍ରସାଦ ଛୁଆଁଇ ଶପଥକୁ ବିରୋଧ

କଟକ ସଦର, ୨।୨(ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନ ପ୍ରଚାରବେଳେ ଜାତି, ଧର୍ମ ଓ ବର୍ଣ୍ଣ ଦ୍ୱାହି ଦେଇ କୌଣସି ପ୍ରାର୍ଥୀ ପ୍ରଚାର କରିପାରିବେ ନାହିଁ ବୋଲି ରାଜ୍ୟ ନିର୍ବାଚନ ଆୟୋଗ ନୀତି ନିର୍ଦ୍ଧାରଣ କରିଛନ୍ତି। କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ଓ କିଶନ ନଗର ଜିଲା ପରିଷଦ ଜୋନ୍ ଅଞ୍ଚଳରେ କେତେଜଣ ସରପଞ୍ଚ ପ୍ରାର୍ଥୀ ଘରଘର ବୁଲି ପ୍ରଚାର କରିବାବେଳେ ଅଭିନବ କୌଶଳ ଆପଣେଇଛନ୍ତି। ଥାଳିରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସହ ନିଜ ଚିହ୍ନ ଥିବା ପୁସିଂ କାର୍ଡ ରଖି ପ୍ରଚାର କରୁଛନ୍ତି। ପୁସିଂ କାର୍ଡ ଦେବାବେଳେ ଥାଳିକୁ ଛୁଇଁବା ପାଇଁ ଗୃହକର୍ତ୍ତାଙ୍କୁ ନିବେଦନ କରୁଛନ୍ତି। କେତେଜଣ ଲୋକ ଏହାକୁ ମାନୁଥିବାବେଳେ ଆଉ କେତେଜଣ ବିରୋଧ କରୁଛନ୍ତି। ଭୋଟରମାନେ ଯଦି ଶପଥ କରିବେ, ତା'ହେଲେ ପ୍ରାର୍ଥୀ ମଧ୍ୟ ଭବିଷ୍ୟତରେ କାହାଠୁ ଲାଞ୍ଚ ନେବେନାହିଁ ବୋଲି ପ୍ରଥମେ ଶପଥ କରିବା ଆବଶ୍ୟକତା ରହିଛି ବୋଲି ମହାପ୍ରସାଦ ଛୁଇଁବାକୁ ବିରୋଧ କରୁଥିବା ଭୋଟରମାନେ ସର୍ତ୍ତାରୋପ କରିଛନ୍ତି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବି ହେଉଛି।

### ମଣ୍ଡିରୁ ୧୧୦୦ କୁଇଣ୍ଟାଲ ଧାନ ସଂଗ୍ରହ

ଫୁଲନଖରା, ୨।୨ (ଡି.ଏନ୍.ଏ.): କଟକ ସଦର ଥାନା ଅନ୍ତର୍ଗତ ଆମଣ ଗ୍ରାମ ପଞ୍ଚାୟତର ଅଢାଳିଆ ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ୧୧୦୦ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଢାଳିଆ ସେବା ସମବାୟ ସମିତିର ଭାରପ୍ରାପ୍ତ ପ୍ରଶାସିକା ଅନସୂୟା ମଲ୍ଲ, ବାସୁଦେବ ବେହେରା, ସୁକାନ୍ତ ଚରଣ ଭୋଳ, ବିକ୍ରମ ମହାନ୍ତି, ବିଜୟ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

METROSELFIE@GMAIL.COM


@ ବାବୁନି


@ ଗଜାନନ


@ ସୁନୀଲ


@ ଲିପିକା


@ ରାଜେଶ



@ ହରି

### 'ଛାତ୍ରୀଛାତ୍ର ର୍‍ୟାଗିଂଠାରୁ ଦୂରେଇ ରହିବା ଉଚିତ'

**କଟକ ଅଫିସ, ୨।୨:** ଶିକ୍ଷାନୁଷ୍ଠାନରେ ର୍‍ୟାଗିଂକୁ ପ୍ରଶ୍ରୟ ଦିଆଯିବା ଅନୁଚିତ୍। ଏହାଦ୍ୱାରା ଶୈକ୍ଷିକ ବାତାବରଣ ପ୍ରଭାବିତ ହେବା ସହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନଷ୍ଟ ହେବାର ଆଶଙ୍କା ରହିଛି। ଏଥିପାଇଁ ମାତାପିତା, ଅଭିଭାବକ ଓ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ମାନସିକ ଦୁଶ୍ଚିନ୍ତାର ଶିକାର ହେବାକୁ ପଡିଥାଏ। ଏଣୁ ଶିକ୍ଷାନୁଷ୍ଠାନରେ ର୍‍ୟାଗିଂ ଭଳି ରୁଗ୍‌ଣ ମାନସିକତାଠାରୁ ଦୂରେଇ ରହିବା ଉଚିତ। ଏଥିସହ ସାଇବର ଅପରାଧ ସମ୍ପର୍କିତ ଘଟଣା ଓ ଟ୍ରାଫିକ ନିୟମ ପାଳନ କରିବାକୁ ଡ୍ରିମ୍‌ସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଶ୍ରୀକୃଷ୍ଣ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଡ୍ରିମ୍‌ସ ସ୍କୁଲ ଆଣ୍ଡ୍ କଲେଜ ଅଫ ନର୍ସିଂ ପକ୍ଷରୁ ନବାଗତ ଛାତ୍ରୀଛାତ୍ରଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମର ତୃତୀୟ ଦିବସ ଶିକ୍ଷାନୁଷ୍ଠାନ ପରିସରରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଏକାଡେମିକ୍ ନିର୍ଦ୍ଦେଶକ ଲୋକନାଥ ବେହେରା ଓ କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ଯୋଗଦେଇ କହିଥିଲେ, ର୍‍ୟାଗିଂ ଏକ ଧର୍ତ୍ତବ୍ୟ ଅପରାଧ। ଏନେଇ ସମସ୍ତେ ସତର୍କ ଓ ସଚେତନ ରହିବା ଜରୁରୀ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. କନଙ୍ଗେଶ୍ୱରୀ ସ୍ୱାଗତ ଭାଷଣ ଓ ପ୍ରାଧ୍ୟାପକ ଫନୀନ୍ଦ୍ର ରେଡ୍ଡିଭାଦୁରୀ, ବସନ୍ତ କୁମାର ଓ ପ୍ରାଧ୍ୟାପିକା ଜେନ୍‌ମୀ ଡି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପାଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ।


ମହାପ୍ରଭୁଙ୍କ ପଦ୍ମବେଶ ପାଇଁ ବୁଧବାର ଭୁବନେଶ୍ୱରର ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ଦାସ ଆଣିଥିବା ପଦ୍ମଫୁଲ।





ଆତ୍ମନିର୍ଭର ବଜେଟ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍‌ବୋଧନର ସିଧା ପ୍ରସାରଣକୁ ବୁଧବାର ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ ନେତୃବୃନ୍ଦ ଦେଖୁଛନ୍ତି।


ମାଘ ସପ୍ତମୀ ବୁଡ଼ ଲାଗି କୋଣାର୍କରେ ଖନନ ଚାଲିଥିବା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ କାର୍ଯ୍ୟକୁ ବୁଧବାର ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀମାନେ ଅନୁଧ୍ୟାନ କରୁଛନ୍ତି।

## ସଂକ୍ଷେପରେ

### ୪ ପୌର ସଂରକ୍ଷିତ ତାଲିକା ପ୍ରକାଶ

**ଖୋର୍ଦ୍ଧା ଅଫିସ,୨।୨:** ଖୋର୍ଦ୍ଧା ପୌରାଞ୍ଚଳର ସଂରକ୍ଷିତ ତାଲିକା ପ୍ରକାଶ ପାଇଛି। ୨୨ଟି ୱାର୍ଡ ମଧ୍ୟରୁ ୪ଟି ସଂରକ୍ଷିତ ରହିଛି। ଅନୁସୂଚିତ ଜାତିଙ୍କ ପାଇଁ ୧, ଅନୁସୂଚିତ ଜାତି ମହିଳାଙ୍କ ଲାଗି ୨, ଅନୁସୂଚିତ ଜନଜାତି ମହିଳାଙ୍କ ନିମନ୍ତେ ୧ ଏବଂ ମହିଳାଙ୍କ ସକାଶେ ୮ଟି ସଂରକ୍ଷିତ ରହିଛି। ୧୦ ୱାର୍ଡ ଅଣସଂରକ୍ଷିତ ରହିଛି। ସେହିପରି ୨୩ ୱାର୍ଡ ବିଶିଷ୍ଟ ଜଟଣୀ ପୌରାଞ୍ଚଳରେ ଅନୁସୂଚିତ ଜାତି ୧, ଅନୁସୂଚିତ ଜାତି ମହିଳା ୨, ଅନୁସୂଚିତ ଜନଜାତି ମହିଳା ୧, ଅଣସଂରକ୍ଷିତ ୧୦, ସଂରକ୍ଷିତ ମହିଳା ୯ ରହିଛି। ୧୫ ୱାର୍ଡ ବିଶିଷ୍ଟ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଅନୁସୂଚିତ ଜାତି ମହିଳା ୧, ଅନୁସୂଚିତ ଜନଜାତି ମହିଳା ୧, ଅଣସଂରକ୍ଷିତ ୭, ସଂରକ୍ଷିତ ମହିଳା ୬ ରହିଛି। ୧୧ ୱାର୍ଡ ବିଶିଷ୍ଟ ବାଲୁଗାଁ ଏନଏସିରେ ଅନୁସୂଚିତ ଜାତି ୧, ଅନୁସୂଚିତ ଜାତି ମହିଳା ୨, ଅନୁସୂଚିତ ଜନଜାତି ମହିଳା ୧, ଅଣସଂରକ୍ଷିତ ୪ ଏବଂ ମହିଳାଙ୍କ ପାଇଁ ୩ଟି ସଂରକ୍ଷିତ ରହିଛି।

### ଡିଇଓଙ୍କ ସହ ଓଷ୍ଟାର ଆଲୋଚନା

**ଖୋର୍ଦ୍ଧା ଅଫିସ,୨।୨:** ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ସହିତ ବୁଧବାର ଜିଲା ଓଷ୍ଟାର ଏକ ପ୍ରତିନିଧି ଦଳ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି। ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା, ବକେୟା ପ୍ରାପ୍ୟ, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୩୦ ପ୍ରତିଶତ ଘରଭଡ଼ା, ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ପ୍ରାପ୍ୟ, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପଦୋନ୍ନତି, ଅତିଥି ଶିକ୍ଷକଙ୍କୁ ଦରମା, ଖାଲି ପଦବୀ ପୂରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ କରୋନା ସମୟରେ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ମାଧ୍ୟମରେ ଚାଲିଥିବା ଶିକ୍ଷାଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରବୀନ୍ଦ୍ର ବାରିକ, ଓଷ୍ଟା ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ସମ୍ପାଦକ ସୁଧାକର ମହାପାତ୍ର, ଯୁଗ୍ମସମ୍ପାଦକ ରଞ୍ଜନ ଦାସ, ସମ୍ପାଦକ ମଧୁସୂଦନ ଦେ ସାମିଲ ଥିଲେ।

### ବୃଦ୍ଧାଶ୍ରମରେ ଚିକିତ୍ସା କରି ଜନ୍ମଦିନ ପାଳିଲେ ଡାକ୍ତର

**ଜଟଣୀ,୨।୨(ଡି.ଏନ.ଏ):** ଘରୋଇ ଚିକିତ୍ସାଳୟରେ କାର୍ଯ୍ୟରତ ଡା. ରାକେଶ ଚନ୍ଦ୍ର କଲେତ ନିଜ ଜନ୍ମଦିନକୁ ଜଟଣୀସ୍ଥିତ ଏକ ବୃଦ୍ଧାଶ୍ରମରେ ରହୁଥିବା ବୃଦ୍ଧାବୃଦ୍ଧଙ୍କ ଗହଣରେ ବୁଧବାର ପାଳିଛନ୍ତି। ଜଟଣୀସ୍ଥିତ ରାଣୀପୁରରେ ଥିବା ସାମାଜିକ କର୍ମୀ ଗୌତମ ମହାରଣାଙ୍କ 'ବାପା ମା' ଆଶ୍ରମ'ରେ ୩୦ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ରୁହନ୍ତି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲର ଡା. କଲେତ ନିଜ ଜନ୍ମଦିବସ ଅବସରରେ ଏହି ଆଶ୍ରମକୁ ଆସି ଅନ୍ତେବାସୀଙ୍କ ମାଗଣା ଚିକିତ୍ସା କରିଥିଲେ। ସମସ୍ତ ଆଶୁ ଚିକିତ୍ସା କରାଯିବା ସହିତ ଡାକ୍ତର ରାକେଶ ସେମାନଙ୍କୁ ଆବଶ୍ୟକ ଔଷଧ, ସାନିଟାଇଜର, ମାସ୍କ ଆଦି ଯୋଗାଇଦେବା ସହ ସେମାନଙ୍କ ଲାଗି ଭୋଜିଭାତର ଆୟୋଜନ କରିଥିଲେ। ଏଥିସହ କଟକର ଡା. ଜୟଶ୍ରୀ ମହାରଣା ମଧ୍ୟ ଯୋଗଦେଇ ଅନ୍ତେବାସୀଙ୍କ ଚିକିତ୍ସା କରିଥିଲେ।

### ୯ନଂ. ଜୋନ୍‌ରେ ଭାଜପାର ପ୍ରଚାର

**କୃଷ୍ଣପ୍ରସାଦ, ୨।୨(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକର ୨ଟି ଜିଲା ପରିଷଦ ସିଟ୍ ପାଇଁ ଭାଜପା ପ୍ରଚାର ଆରମ୍ଭ କରିଛି। ୯ନଂ ଜୋନ ଭାଜପା ସମର୍ଥିତ ଜିଲା ପରିଷଦ ପ୍ରାର୍ଥୀ ଜୟରାମ ଦାସ ବୁଧବାର ଗୋମୁଣ୍ଡିଆ ପଞ୍ଚାୟତ ହରିଜନ ସାହିସ୍ଥିତ ମା' ପାଟରାଣୀ ଠାକୁରାଣୀଙ୍କ ପୀଠରୁ ଆଶୀର୍ବାଦ ନେଇ ପ୍ରଚାର ଆରମ୍ଭ କରିଥିଲେ। ଗୋମୁଣ୍ଡିଆ ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ଦୁଷ୍ମନ୍ତ ସେଠୀ, ସମିତିସଭ୍ୟା ପ୍ରାର୍ଥିନୀ ରଶ୍ମିତା ରାଣୀ ନାୟକ ପ୍ରମୁଖ ସାମିଲ ହୋଇ ପ୍ରଚାର କରିଛନ୍ତି। ବ୍ଲକ ଭାଜପା ଯୁବମୋର୍ଚ୍ଚା ସଭାପତି ବିଷ୍ଣୁପ୍ରସାଦ ବେହେରା, ନବୀନ ଜେନା, ପବିତ୍ର ସାହୁ, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ।

# ପିଲାଙ୍କ ହିତକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯାଉ

**ସ୍କୁଲ ଖୋଲିବା ପ୍ରସଙ୍ଗ**

**ଖୋର୍ଦ୍ଧା ଅଫିସ,୨।୨**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ସରକାର ଜାନୁୟାରୀ ମାସରେ ସ୍କୁଲ ଓ କଲେଜ ବନ୍ଦ କରିଥିଲେ। ତେବେ ସମ୍ପ୍ରତି ସଂକ୍ରମଣ କମୁଥିବାରୁ କଟକଣା କୋହଳ କରାଯାଇଛି। ଦୋକାନ, ବଜାର, ଶପିଙ୍ଗ୍ ମଲ, ସିନେମା ହଲ ଖୋଲିବାକୁ ସରକାର ଅନୁମତି ଦେଇଛନ୍ତି। ମାତ୍ର ସ୍କୁଲ ଖୋଲିବା ନେଇ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଗୋଟିଏ ପଟେ କରୋନା ଭୟ ଏବଂ ଅନ୍ୟପଟେ ପିଲାଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି। ତେବେ ଆସନ୍ତା ଦୁଇମାସ ମଧ୍ୟରେ କୋଭିଡ୍ କଟକଣା ଭିତରେ କିପରି ଶିକ୍ଷାନୁଷ୍ଠାନ ଖୋଲାଯାଇପାରିବ ସେ ନେଇ ପଦକ୍ଷେପ ନେବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ବିଭିନ୍ନ ମହଲରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି।



" କରୋନା କଟକଣା ଯୋଗୁ ଦୁଇବର୍ଷ ହେଲା ପିଲାଙ୍କ ପାଠପଢ଼ାରେ ଡୋରି ବନ୍ଧାଯାଇଛି। ନେଟୱର୍କ ଜନିତ ସମସ୍ୟା ଏବଂ ଅନେକ ଅଭିଭାବକଙ୍କ ପାଖରେ ଆଣ୍ଡ୍ରୋଏଡ୍ ମୋବାଇଲ ନ ଥିବାରୁ ୬୦ପ୍ରତିଶତ ଛାତ୍ରୀଛାତ୍ର ଅନଲାଇନ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଶ୍ରେଣୀ ପାଠପଢ଼ା ବନ୍ଦ ଯୋଗୁ ପିଲାମାନେ ଅଧିକାଂଶ ପାଠ ଭୁଲିଗଲେଣି। କରୋନ କଟକଣା ମଧ୍ୟରେ ପିଲାଙ୍କ ପାଠପଢ଼ା ସୁନିଶ୍ଚିତ କରାଯାଉ।

**–ଶକ୍ତିଶଙ୍କର ମିଶ୍ର, ବୁଦ୍ଧିଜୀବୀ**



" ପ୍ରଥମରୁ ୫ମ ଶ୍ରେଣୀ ଛାତ୍ରୀଛାତ୍ର ଦୁଇବର୍ଷ ହେଲାଣି ସ୍କୁଲ ଯାଇନାହାନ୍ତି। କେବେ ସ୍କୁଲ ଖୋଲିବ, ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। ଯଦିଓ ଅନଲାଇନ ପାଠପଢ଼ା ଉପରେ ଗୁରୁତ୍ୱ ଦିଆଯାଉଛି, ତାହା ଯଥେଷ୍ଟ ନୁହେଁ। ଏଥିପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି।

**–ଓମପ୍ରକାଶ ମହାନ୍ତି, ସାମାଜିକ କର୍ମୀ**



" ଲହର ଜାରି ରହିଛି। ଖୋର୍ଦ୍ଧା ଜିଲା ରେଡ୍ ଜୋନରେ ରହିଛି। ଏହି ଜିଲାରେ କରୋନା ସଂକ୍ରମଣ ବଢ଼ିଚାଲିଛି। ଏଭଳି ସ୍ଥିତିରେ ସ୍କୁଲ ଖୋଲିଲେ, ପିଲାମାନେ ଆକ୍ରାନ୍ତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଅନ୍ୟପଟେ ବିଦ୍ୟାଳୟଗୁଡ଼ିକ ଦୀର୍ଘଦିନ ହେଲା ବନ୍ଦ ରହିଛି। ପ୍ରଥମେ ଶୈକ୍ଷିକ ବାତାବରଣ ସଜଡ଼ାଯିବା ଆବଶ୍ୟକ। ଆଗ ଜୀବନ ପରେ ଆଉ କିଛି। ପିଲାଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବା ଉଚିତ।

**– ଶୋଭନ ଘୋଷ, ଅଭିଭାବକ**



" ଗତ ଦୁଇବର୍ଷ ହେଲା ଅନଲାଇନ ପାଠପଢ଼ା ସହ ପରୀକ୍ଷା ଚାଲିଛି। ପିଲାଙ୍କର ସ୍କୁଲ ଯିବା ମୋହ ତୁଟିଗଲାଣି। ଖାତା, କଲମ ଅପେକ୍ଷା ପିଲାମାନେ ମୋବାଇଲରେ ବେଶି ସମୟ ବିତାଉଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ସରକାର ବିଚାର ବିମର୍ଷ କରି ପଦକ୍ଷେପ ନେବା ଉଚିତ।

**–ସାଗରିକା ରଥ, ଅଭିଭାବିକା**



" ଆଗକୁ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ଆସୁଛି। ଏପର୍ଯ୍ୟନ୍ତ ସିଲାବସ୍ ପ୍ରସ୍ତୁତ ହୋଇପାରିନାହିଁ। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର ନିଷ୍ପତ୍ତି ନେବା ଉଚିତ ।

**– ଗୋପାଳକୃଷ୍ଣ ଦାସ, ଶିକ୍ଷାବିତ୍**



" ସରକାରଙ୍କ କୋଭିଡ୍‌ମାର୍ଗଦର୍ଶିକା ଅନୁସାରେ ପୂର୍ବରୁ ଅଷ୍ଟମରୁ ଦଶମଶ୍ରେଣୀ ପିଲାଙ୍କ ପାଠପଢ଼ା ପର୍ଯ୍ୟାୟ କ୍ରମେ ଚାଲିଥିଲା। ମାସ୍କ, ସାନିଟାଇଜର ଓ ସାମାଜିକ ଦୂରତା ରଖି ପାଠପଢ଼ା ସୁନିଶ୍ଚିତ କରାଯାଇଥିଲା। କୋଭିଡ୍ କଟକଣା ଯୋଗୁ ସ୍କୁଲ ବନ୍ଦ ରହିଛି। ସରକାରଙ୍କ ପକ୍ଷରୁ ଯାହା ନିର୍ଦ୍ଦେଶ ଆସିବ, କାର୍ଯ୍ୟକାରୀ କରାଯିବ।

**– ମମତାଞ୍ଜଳି ପଟ୍ଟନାୟକ, ଅଧ୍ୟକ୍ଷା, ସିଗ୍‌ମା ପବ୍ଲିକ ସ୍କୁଲ**



ରଣାସେବକମାନଙ୍କ ଦ୍ୱାରା ସୋଲରେ ପ୍ରସ୍ତୁତ ପଦ୍ମକୁ ବୁଧବାର ମହାପ୍ରଭୁଙ୍କ ପଦ୍ମବେଶ ପାଇଁ ଶ୍ରୀମନ୍ଦିରକୁ ନିଆଯାଉଛି।

## ତହସିଲଦାରଙ୍କୁ ଆକ୍ରମଣ ଘଟଣା: ୨ କୋର୍ଟ ଚାଲାଣ

**ଜଟଣୀ,୨।୨(ଡି.ଏନ.ଏ)**

ଜଟଣୀରେ ଗତ ଶନିବାର ରାତିରେ କାର୍ଯ୍ୟରତ ତହସିଲଦାରଙ୍କୁ ଆକ୍ରମଣ ଘଟଣାରେ ଜଟଣୀ ପୋଲିସ ଅଟକ ରଖିଥିବା ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଟଣୀ ଥାନା ଅନ୍ତର୍ଗତ ବଡନୂଆଗାଁ ଅଞ୍ଚଳର ପିଣ୍ଟୁ ଓରଫ ହୃଦାନନ୍ଦ ମହାପାତ୍ର(୩୪) ଏବଂ ବେଣାପଞ୍ଜରୀ ଗ୍ରାମର ରାଜୁ ଓରଫ ଏସ୍.କେ. ଟିପୁ ସୁଲତାନ(୨୬)। ଅଭିଯୁକ୍ତ ଟିପୁ ସୁଲତାନଙ୍କ ନାମରେ ପୁର୍ବରୁ ଜଟଣୀ ଥାନାରେ ଅନେକ ମାମଲା ରହିଥିବା ବେଳେ ସେ ଫେରାର ରହିଥିଲେ। ଶନିବାର କୌଣସି କାର୍ଯ୍ୟରେ ତହସିଲଦାର ଯାଉଥିବାବେଳେ ତାଙ୍କୁ କେହି ଦୁର୍ବୃତ୍ତ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଏହି ଅଭିଯୁକ୍ତଦ୍ୱୟଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ତେବେ ତଦନ୍ତ ବେଳେ ଆକ୍ରମଣ ନେଇ ଟିପୁ ସମ୍ପୃକ୍ତ ଥିବା ପୋଲିସ ଆଗରେ ସ୍ୱୀକାର କରିଥିଲା। ତେଣୁ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ପୁରୁଣା କେସ୍‌ର ତଦନ୍ତ ପାଇଁ ପୁଣି ରିମାଣ୍ଡରେ ଅଣାଯିବ ବୋଲି ଆଇଆଇସି ଦୟାନିଧି ନାୟକ କହିଛନ୍ତି।

## ଏସ୍‌ଟିଏଫ୍ ଚଢ଼ାଉ: ୧୭ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

**ଭୁବନେଶ୍ୱର(ବ୍ୟୁରୋ)/ ଜଟଣୀ, ୨।୨ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ପିଏନ୍ ହାଇସ୍କୁଲ ନିକଟରେ ବୁଧବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ଏକ ଗଞ୍ଜେଇ ଭର୍ତ୍ତି କାର ଜବତ କରିବା ସହ ଜଣେ ଚାଲାଣକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ରାମଚନ୍ଦ୍ରପୁରର ମହେନ୍ଦ୍ର ବେହେରା ଓରଫ ବାପି। ଏଥିସହ ଜବତ କାର୍‌ରୁ ୧୭ ଲକ୍ଷ ଟଙ୍କାର ୧୭୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୦୨/୨୦୨୨) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଗିରଫ ଅଭିଯୁକ୍ତଙ୍କ ନାମରେ ଜଟଣୀ ଥାନାରେ ୨୦୧୦ ମସିହାରେ ଏକ ହତ୍ୟା ମାମଲା ରହିଛି। ଏହି ମାମଲାରେ ସେ ୪ବର୍ଷ ଜେଲ ଯାଇଥିଲେ ବୋଲି ଏସ୍‌ଟିଏଫ୍ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛି। ନିଶାଦ୍ରବ୍ୟ ଚୋରା ଚାଲାଣ ରୋକିବା ପାଇଁ କ୍ରାଇମବ୍ରାଞ୍ଚ ଚଢ଼ାଉକୁ ଜୋର୍‌ଦାର କରିଛି। ୨୦୨୦ ମସିହାରୁ ଏଯାଏ ଏସ୍‌ଟିଏଫ୍ ୪୭ କେଜି ବ୍ରାଉନସୁଗାର, ୮୯ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୧୨୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ବିଜେଡି ରଣନୀତି ଆଗରେ ବିରୋଧୀ ଦଳ ଫିକା

**ଖୋର୍ଦ୍ଧା ଅଫିସ, ୨।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଖୋର୍ଦ୍ଧା ଜିଲାରେ ପ୍ରଚାର ଜମି ଆସିଲାଣି। ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀମାନେ ସୋସିଆଲ ମିଡିଆରେ ପ୍ରଚାର କରିବା ସହ ଘର ଘର ବୁଲି ଭୋଟ ମାଗିଲେଣି। ତେବେ ଏଥର ଶାସକ ଦଳ ବିଜେଡିର ରଣନୀତି ଆଗରେ ବିରୋଧୀ ଦଳଗୁଡ଼ିକର ରଣନୀତି ଫିକା ପଡ଼ିବ ବୋଲି ଚର୍ଚ୍ଚା ହେଉଛି।

ଖୋର୍ଦ୍ଧା ଜିଲାରେ ମୋଟ ୩୦ଟି ଜିଲାପରିଷଦ ଜୋନ, ୧୯୦ଟି ପଞ୍ଚାୟତ, ୧୫୪୬ଟି ଗ୍ରାମ ଏବଂ ୨୭୧୨ଟି ୱାର୍ଡ ରହିଛି। ଗତ ୨୦୧୭ ନିର୍ବାଚନରେ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ମତଦାନ କରିଥିଲେ। ଚଳିତବର୍ଷ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ମତଦାନ ସାବ୍ୟସ୍ତ କରିବେ। ୨୦୧୨ରେ ବିଜେଡି ୨୫ଟି ଆସନରେ ଜିତିଥିବା ବେଳେ କଂଗ୍ରେସ ଗୋଟିଏ, ଭାଜପା ଓ ଅନ୍ୟ ଦଳ ୨ଟି ଲେଖାଏ ଆସନରେ ବିଜୟ ଲାଭ କରିଥିଲେ। ୨୦୧୭ ନିର୍ବାଚନରେ ବିଜେଡି ୨୦ଟି ଏବଂ ଭାଜପା ୧୦ଟି ଜିଲାପରିଷଦ ଆସନରେ ଜିତିଥିଲା। କଂଗ୍ରେସ ଖାତା ଖୋଲିପାରି ନ ଥିଲା। ଗତ ୨୦୧୭ ନିର୍ବାଚନରେ ଖୋର୍ଦ୍ଧାର ୩ଟି ଜୋନରେ ବିଜେଡି, ଚିଲିକାର ୩ଟି ଜୋନରେ ଭାଜପା, ଜଟଣୀର ୨ଟି ଜୋନରେ ବିଜେଡି, ଟାଙ୍ଗୀର ୪ଟି ଜୋନ ମଧ୍ୟରୁ ଗୋଟିକରେ ଭାଜପା ଏବଂ ୩ଟିରେ ବିଜେଡି ବିଜୟ ଲାଭ କରିଥିଲା। ବାଣପୁରର ୩ଟି ଜୋନରୁ ବିଜେଡି ୧ ଓ ଭାଜପା ୨, ବାଲିଅନ୍ତାର ୩ ବିଜେଡି, ବାଲିପାଟଣାର ଭାଜପା ୧ ବିଜେଡି ୨, ବେଗୁନିଆର ଭାଜପା ୨, ବିଜେଡି୧, ବୋଲଗଡ଼ରେ ବିଜେଡି ୨, ଭାଜପା ୧ ଏବଂ ଭୁବନେଶ୍ୱର ବ୍ଲକର ୩ଟି ଜୋନରେ ବିଜେଡି ପ୍ରାର୍ଥୀ ବିଜୟ ଲାଭ କରିଥିଲେ। ୨୦୧୨ ଓ ୨୦୧୭ରେ ବିଜେଡିକୁ ବହୁମତ ମିଳିଥିବାରୁ ଜିଲାପରିଷଦ ଅଧ୍ୟକ୍ଷ ପଦ ବିଜେଡି ହାତରେ ରହିଥିଲା। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମଧ୍ୟ ସମସ୍ତ ବିଜେଡି ପ୍ରାର୍ଥୀ ବିଜୟ ଲାଭ କରିବେ ବୋଲି ଦଳୀୟ କର୍ମକର୍ତ୍ତା ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏଥର ବିଜେଡି ନିଜ ଗଡ଼ ବଜାୟ ରଖିବା, ଭାଜପା ଅଧିକ ଆସନ ଦଖଲ କରିବା ଏବଂ କଂଗ୍ରେସ ଖାତା ଖୋଲିବା ପାଇଁ ଲାଗିପଡ଼ିଛନ୍ତି। ତେବେ ୩ ପ୍ରମୁଖ ଦଳରେ ଅନ୍ତଃକନ୍ଦଳ ରହିଛି। ସେହିପରି ଦଳୀୟ ଟିକେଟକୁ ନେଇ ବିଜେଡି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ତେଜୁଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ବିକାଶ ଏଜେଣ୍ଡାକୁ ବିଜେଡି ଅସ୍ତ୍ର କରିଥିବା ବେଳେ ଭାଜପା କେନ୍ଦ୍ର ସରକାରଙ୍କ ସଫଳତା ଏବଂ କଂଗ୍ରେସ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ଅସ୍ତ୍ର କରିଥିବା ଜଣାପଡ଼ିଛି। କର୍ମୀ ସମାବେଶ ଓ ବୈଠକ ଜରିଆରେ ବିଜେଡି ସମର୍ଥନ ହାସଲ ପ୍ରକ୍ରିୟା ଜାରି ରଖିଛି। ଅନ୍ୟପଟେ କଂଗ୍ରେସର ପ୍ରାର୍ଥୀଙ୍କ ପ୍ରଚାର ପାଇଁ ପାଣ୍ଠି ସମସ୍ୟା ଦେଖାଦେଇଛି। ଖୋର୍ଦ୍ଧାର ୮ଟି ବିଧାନସଭା ଆସନ ମଧ୍ୟରୁ କେବଳ ଜଟଣୀ କଂଗ୍ରେସ କବ୍‌ଜାରେ ରହିଛି। ତେଣୁ କଂଗ୍ରେସ ପାଇଁ ବିଜୟ ଲାଭ ଏତେ ସହଜ ହେବନାହିଁ। ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ଉପରେ ୨୦୨୨ ପଞ୍ଚାୟତ ନିର୍ବାଚନ ଫଳାଫଳ ପ୍ରଭାବ ପକାଇପାରେ। ଏହାକୁ ଦୃଷ୍ଟିରେ ରଖି ଭାଜପା ଓ ବିଜେଡି ପକ୍ଷରୁ ନିଜ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଜୋରଦାର ଉଦ୍ୟମ ଚାଲିଛି। ବରିଷ୍ଠ ନେତାମାନେ ନିଜ ନିର୍ବାଚନମଣ୍ଡଳୀରେ ଡେରା ପକାଇଛନ୍ତି। ପ୍ରଚାରରେ ବିଜେଡି ଆଗୁଆ ଥିବାବେଳେ ଭାଜପା ଓ କଂଗ୍ରେସ ପଛରେ ପଡ଼ିଛନ୍ତି। ବିଜେଡିର ରଣନୀତି ବିରୋଧୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

METROSELFIE@GMAIL.COM



@ ବାବୁନି



@ ଗଜାନନ



@ ସୁନୀଲ



@ ଲିପିକା



@ ରାକେଶ



@ ହରି

## କ୍ରିକେଟ: ପିଏସ୍‌କେ ୱାରିୟର, ସୁପରଷ୍ଟାର ବିଜୟୀ

**ଜଟଣୀ,୨।୨(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅଧୀନ କୁଦିଆରୀ ଗ୍ରାମରେ ଚାଲିଥିବା ୨ୟ କୁଦିଆରୀ କ୍ରିକେଟ ପ୍ରିମିୟର ଲିଗ୍‌ର ବୁଧବାର ଦ୍ୱାଦଶ ଦିବସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ବଜରଙ୍ଗୀ ଫାଇଟର ଏବଂ ପିଏସ୍‌କେ ୱାରିୟର ମଧ୍ୟରେ ହୋଇଥିଲା। ଟସ୍ ଜିତି ପ୍ରଥମେ ବଜରଙ୍ଗୀ ଫାଇଟର ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୧୧୯ରନ୍ ସଂଗ୍ରହ କରିଥିଲା। ଜବାବରେ ପିଏସ୍‌କେ ୱାରିୟର ୧୪.୩ ଓଭରରେ ୭ ଉଇକେଟ ହରାଇ ବିଜୟୀ ହୋଇଥିଲା। ଏଥିରେ ବିଭୁଦତ୍ତ ବରାଳ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍ ଟାଇଟଲ ଷ୍ଟାର ଏବଂ ସୁପର ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ପ୍ରଥମେ ସୁପର ଷ୍ଟାର ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୯୬ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଟାଇଟଲ ଷ୍ଟାର ୧୬.୪ ଓଭରରେ ପରାଜିତ ହୋଇଥିଲା। ଏହି ଖେଳରେ ତାପସ ମହାପାତ୍ର ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ସମସ୍ତ ମ୍ୟାଚ୍‌କୁ ସୌମ୍ୟ ଶୁଭମ ପଟ୍ଟନାୟକ, ପୁରୁଷୋତ୍ତମ ଦଳବେହେରା, ସଞ୍ଜୀବ ପାଇକରାୟ ଅମ୍ପାୟର ଭାବେ ପରିଚାଳନା କରିଥିଲେ।



ମହାପ୍ରଭୁଙ୍କ ପଦ୍ମବେଶ ପାଇଁ ବୁଧବାର ଭୁବନେଶ୍ୱରର ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ଦାସ ଆଣିଥିବା ପଦ୍ମଫୁଲ।




ଆତ୍ମନିର୍ଭର ବଜେଟ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍‌ବୋଧନର ସିଧା ପ୍ରସାରଣକୁ ବୁଧବାର ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ ନେତୃବୃନ୍ଦ ଦେଖୁଛନ୍ତି।



ମାଘ ସପ୍ତମୀ ବୁଡ଼ ଲାଗି କୋଣାର୍କରେ ଖନନ ଚାଲିଥିବା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ କାର୍ଯ୍ୟକୁ ବୁଧବାର ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀମାନେ ଅନୁଧ୍ୟାନ କରୁଛନ୍ତି।

## ବଟି ମାଗି ଓ ଭାଙ୍ଗ ବିକି ୨ ଗିରଫ

**ପୁରୀ ଅଫିସ:** ବଟି ଆଦାୟ ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ବୁଧବାର ପେଣ୍ଠକଟା ରୋଡ୍ ବାଲିନୋଳିଆ ସାହିର ମାନସ କୁମାର ବେହେରା ଓରଫ ଗୁଲୁଙ୍କୁ ଗିରଫ କରିଛି। ତାଙ୍କଠାରୁ ଏକ ଛୁରି ଓ ୪୦୦ ଟଙ୍କା ଜବତ ହୋଇଛି। ଏ ନେଇ କେସ୍ ନଂ ୨୨/୨୨ ରୁଜୁ କରାଯାଇଛି। ଗୁଲୁ ପୁରୀ ହୋଟେଲ ସମ୍ମୁଖରେ ଅଟୋ ଡ୍ରାଇଭର ଓ ଦୋକାନୀଙ୍କୁ ଛୁରି ଦେଖାଇ ଭୟଭିତ କରି ବଟି ଆଦାୟ କରୁଥିଲେ। ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ସେହିପରି ବେଆଇନ ଭାବେ ଭାଙ୍ଗ ବିକ୍ରି ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ସଦର ଥାନା ଅନ୍ତର୍ଗତ ଗୌଡ଼ ରଣପଡ଼ାର ରାମଚନ୍ଦ୍ର ରଣସିଂହଙ୍କୁ ଗିରଫ କରିଛି। ତାଙ୍କଠାରୁ ୨୦ ଲିଟର ବଟା ଭାଙ୍ଗ, ଦୁଇଟି ସିଲଭର ବକେଟ୍, ୫ କେଜି ଭାଙ୍ଗ ପତ୍ର ଜବତ ହୋଇଛି । ଏ ନେଇ କେସ୍ ନଂ. ୨୫/୨୨ ରୁଜୁ କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୨।୨୦୨୨

| ୨,୪୨,୨୪୨ ଟଙ୍କା | |
|---|---|
| ସୁନା | ୨.୩୩୦ ଗ୍ରାମ |
| ରୁପା | ମିଳି ନାହିଁ |

# ପୁରୀ-କୋଣାର୍କ ରେଳପଥକୁ ଉପେକ୍ଷା

### ରେଳ ବଜେଟ୍‌ରେ ଅର୍ଥ ମଞ୍ଜୁର ହେଲାନି, ସାଧାରଣରେ ଅସନ୍ତୋଷ

**ପୁରୀ ଅଫିସ,୨।୨**

ଚଳିତବର୍ଷର ରେଳ ବଜେଟ୍‌ରେ ପୁରୀ-କୋଣାର୍କ ରେଳପଥ ପାଇଁ ଅର୍ଥ ମଞ୍ଜୁର ହୋଇ ନାହିଁ। ତେଣୁ ପୁରୀ ଜିଲାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବତଟ ରେଳପଥ ଏନେଇ ଚୂଡ଼ାନ୍ତ ସର୍ଭେ ରିପୋର୍ଟ ଦାଖଲ କରିସାରିଥିଲା। ରେଲୱେ ବୋର୍ଡ ପାଖରେ ଏହି ରିପୋର୍ଟ ଦାଖଲ ହୋଇସାରିଥିଲା। କିଛି ଦିନ ତଳେ ପୁରୀ ଗସ୍ତରେ ଆସି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁରୀ-କୋଣାର୍କ ରେଳପଥ ନିର୍ମାଣ କରାଯିବ ବୋଲି କହିଥିଲେ। ପ୍ରକଳ୍ପ ସର୍ଭେ ରିପୋର୍ଟ ଦାଖଲ ହୋଇସାରିଥିବା ବେଳେ ରେଳପଥ ପାଇଁ ଅର୍ଥ ମଞ୍ଜୁର କରିବା ପାଇଁ ପୁରୀ ବିକାଶ ପରିଷଦ ପକ୍ଷରୁ ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ଜଙ୍ଗଲ ବିଭାଗର ଆପତ୍ତି ପରେ ସାନି ସର୍ଭେ କରି ରିପୋର୍ଟ ଦାଖଲ ହେଲା। ମାତ୍ର ରେଳପଥ ନିର୍ମାଣ ନେଇ ଅର୍ଥ ମଞ୍ଜୁର ନ ହେବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ପୁରୀ ବିକାଶ ପରିଷଦର ସଭାପତି ଜଗନ୍ନାଥ ବସ୍ତିଆ। ସେ କହିଛନ୍ତି, ପୁରୀ ଓ କୋଣାର୍କ ମଧ୍ୟରେ ରେଳପଥ ସଂଯୋଗ ହେଲେ ପର୍ଯ୍ୟଟନର ବିକାଶ ହୋଇପାରିବ। ପୁରୀ ଓ କୋଣାର୍କକୁ ଅଧିକ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ହେବ। ପର୍ଯ୍ୟଟକମାନେ ବାଲୁଖଣ୍ଡ ଅଭୟାରଣ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାର ସୁଯୋଗ ପାଇପାରିବେ। ପୁରୀ-କୋଣାର୍କ ରେଳପଥ ହେଉଛି ପୁରୀ ଜିଲାର ଏକ ଦୀର୍ଘ ବର୍ଷର ଦାବି। କୋଣାର୍କ ପର୍ଯ୍ୟଟନ ଦୃଷ୍ଟିରୁ ଏକ ପ୍ରମୁଖ ସ୍ଥାନ ହୋଇଥିବାରୁ ଏହାକୁ ରେଳପଥ ସଂଯୋଗୀକରଣ କରାଯିବାର ନିହାତି ଆବଶ୍ୟକତା ରହିଛି। ଏପରି କି ୨୦୧୭ ଏପ୍ରିଲ ୨୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଳପଥ ନିର୍ମାଣର ୫୦ ପ୍ରତିଶତ ଖର୍ଚ୍ଚ ବହନ କରିବେ ବୋଲି କହିଥିଲେ। ଏହା ସତ୍ତ୍ୱେ ରେଳପଥ ପାଇଁ ଅର୍ଥ ମଞ୍ଜୁର ନ ହେବା ଦୁଃଖଦାୟକ। ଏହି ରେଳପଥ ପ୍ରସଙ୍ଗରେ ରେଳମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ବଜେଟ୍‌ରେ ପ୍ରତିଫଳିତ ହୋଇନାହିଁ। ଏହା ମହାପ୍ରଭୁଙ୍କ ସହ ଛଳନା ବୋଲି ପୁରୀ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି। ଆଇନଜୀବୀ ଭଗବାନ ପଡ଼ିହାରୀ କହିଛନ୍ତି, ପୁରୀକୁ ଐତିହ୍ୟ ସହର ଭାବେ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଚାଲିଥିବା ବେଳେ ପୁରୀ-କୋଣାର୍କ ରେଳ ସଂଯୋଗୀକରଣ ଆବଶ୍ୟକତା ଥିଲା। ମାତ୍ର କେନ୍ଦ୍ର ସରକାର ଏହି ଦିଗରେ ଧ୍ୟାନ ନ ଦେବା ପୁରୀର ନ୍ୟାଯ୍ୟ ଦାବି ପ୍ରତି ଅନ୍ୟାୟ। ସେହିଭଳି ରାଜ୍ୟ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ବିଶ୍ୱ ଐତିହ୍ୟ ସହର ଶ୍ରୀକ୍ଷେତ୍ର ପୁରୀକୁ ଏକ ନମ୍ବର କରିବା ପାଇଁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି। ଦେଇ ଚାଲିପାରୁନାହାନ୍ତି। ବଜେଟ୍‌ରେ ପୁରୀ-କୋଣାର୍କ ରେଳପଥ ପାଇଁ ଅର୍ଥ ମଞ୍ଜୁର ନହେବା ପୁରୀ ପ୍ରତି ଅନ୍ୟାୟ।



ରଣାସେବକମାନଙ୍କ ଦ୍ୱାରା ସୋଲରେ ପ୍ରସ୍ତୁତ ପଦ୍ମକୁ ବୁଧବାର ମହାପ୍ରଭୁଙ୍କ ପଦ୍ମବେଶ ପାଇଁ ଶ୍ରୀମନ୍ଦିରକୁ ନିଆଯାଉଛି।

## ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ନିମାପଡ଼ା ବ୍ଲକ ପରିଦର୍ଶନ

**ନିମାପଡ଼ା,୨।୨(ଡି.ଏନ୍.ଏ.)**

ପୁରୀ ଜିଲା ନିର୍ବାଚନ ଖର୍ଚ୍ଚ (ଫାଇନାନ୍ସ) ବିଭାଗର ପର୍ଯ୍ୟବେକ୍ଷକ ରୁଦ୍ରନାରାୟଣ ଆଚାର୍ଯ୍ୟ ବୁଧବାର ନିମାପଡ଼ା ବ୍ଲକ କାର୍ଯ୍ୟାଳୟରେ ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ସମୀକ୍ଷା କରିଛନ୍ତି। ଏଥିସହ ନିର୍ବାଚନୀ ଖର୍ଚ୍ଚ ସମ୍ବନ୍ଧୀୟ ରେଜିଷ୍ଟ୍ରର, ଖାତାପତ୍ର ଆଦି ଯାଞ୍ଚ କରିଥିଲେ। ଆସନ୍ତା ୧୦ ତାରିଖ ପୂର୍ବରୁ ପ୍ରାର୍ଥୀମାନେ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଓ ବ୍ଲକ ଆକାଉଣ୍ଟ ଅଫିସରଙ୍କ ନିକଟରେ ନିର୍ବାଚନ ଖର୍ଚ୍ଚ ସମ୍ପର୍କୀୟ ସମସ୍ତ ରେଜିଷ୍ଟ୍ରର ଓ ଖାତାପତ୍ର ଯାଞ୍ଚ କରାଇ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ବିଡିଓ ବସନ୍ତ କୁମାର ମଲ୍ଲିକ, ବ୍ଲକ ପିଏ ପ୍ରିୟଦର୍ଶିନୀ ବରାଳ, ଆକାଉଣ୍ଟ ଅଫିସର ସୌଦାମିନୀ ବେହେରାଙ୍କ ସମେତ ବ୍ଲକର ପଦସ୍ଥ ଅଧିକାରୀମାନେ ଯୋଗଦେଇଥିଲେ। ପର୍ଯ୍ୟବେକ୍ଷକ ଆଚାର୍ଯ୍ୟଙ୍କ ସହ ଏପିଡି ନିଶିଥ କୁମାର ଦାଶ ସମୀକ୍ଷା ବୈଠକରେ ସାମିଲ ଥିଲେ।

## ଆଦର୍ଶ ଆଚରଣବିଧି ସଚେତନତା ବୈଠକ

**ସାକ୍ଷୀଗୋପାଳ,୨।୨(ଡି.ଏନ.ଏ)**

ଚଳିତ ପଞ୍ଚାୟତ ନିର୍ବାଚନରେ ଦଳୀୟ ଚିହ୍ନ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ପୁରୀ ଜିଲା ପରିଷଦ ସଦସ୍ୟ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କୁ ଆଦର୍ଶ ଆଚରଣ ବିଧି ପାଳନ ସମ୍ପର୍କରେ ସୂଚନା ଦେବା ନେଇ ସଚେତନତା ବୈଠକ ସତ୍ୟବାଦୀ ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୪ଟି ପଞ୍ଚାୟତର ୩ଟି ଜୋନରେ ଜିଲା ପରିଷଦ ସଦସ୍ୟ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମୋଟ ୧୪ଜଣ ପ୍ରାର୍ଥୀ ଏହି ବୈଠକରେ ଯୋଗଦେଇଥିଲେ। ବିଡିଓ କ୍ଷୀରୋଦ ବେହେରା ଅଧ୍ୟକ୍ଷତା କରି ପ୍ରାର୍ଥୀମାନଙ୍କୁ ଆଚରଣ ବିଧି ପାଳନ ସମ୍ପର୍କରେ ସୂଚନା ଦେବା ସହ ନିର୍ବାଚନ ଖର୍ଚ୍ଚର ହିସାବ ପ୍ରସ୍ତୁତ କରି ହିସାବ ରକ୍ଷକ ଅଧିକାରୀଙ୍କୁ ନିର୍ଦ୍ଧାରିତ ସମୟରେ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରାର୍ଥୀମାନେ ନିର୍ବାଚନରେ ପ୍ରଚାର ନିମନ୍ତେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ଏଥିସହିତ ୫ଟି ଚାରିଚକିଆ ଯାନ ସହ ୧୦ଟି ଦୁଇଚକିଆ ଯାନ ବ୍ୟବହାର କରିପାରିବେ। ଏହି ଗାଡ଼ିଗୁଡ଼ିକ ନିର୍ବାଚନ ପ୍ରଚାରରେ ବ୍ୟବହାର ପାଇଁ ଉପଜିଲାପାଳଙ୍କଠାରୁ ଅନୁମତି ଆଣିବେ। କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜିକା ଶାଶ୍ୱତୀ ଦାସ ଓ ଲୋପାମୁଦ୍ରା ସ୍ୱାଇଁ ସହଯୋଗ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

METROSELFIE@GMAIL.COM



@ ବାବୁନି



@ ଗଜାନନ



@ ସୁନୀଲ



@ ଲିପିକା



@ ରାଜେଶ



@ ହରି

## ସଂକ୍ଷେପରେ

### ରାମଚଣ୍ଡୀ ଠାକୁରାଣୀଙ୍କ ପ୍ରତିଷ୍ଠା ଦିବସ

**ପୁରୀ ଅଫିସ,୨।୨:** ମାଘ ମାସ ଶୁକ୍ଳ ଦ୍ୱିତୀୟା ତିଥିରେ ବୁଧବାର ଦୋଳମଣ୍ଡପ ସାହି ଜେନାରି ଗଛ ଛକସ୍ଥିତ ମା' ରାମଚଣ୍ଡୀ ଠାକୁରାଣୀଙ୍କ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭୋରୁ ମଙ୍ଗଳ ଆଳତି, ଅବକାଶ, ମାଜଣା, ବାଲଭୋଗ ପରେ ଶଙ୍ଖୁଡ଼ି ଭୋଗ ହୋଇଥିଲା। ମା'ଙ୍କ ନିକଟରେ ଚଣ୍ଡୀପାଠ କରାଯାଇଥିଲା। ସନ୍ଧ୍ୟାରେ ମା'ଙ୍କୁ ଚନ୍ଦନବେଶରେ ସଜିତ କରି ସନ୍ଧ୍ୟା ଆଳତି କରାଯାଇଥିଲା। ରାତିରେ ମା'ଙ୍କୁ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଭୋଗ ଲାଗିକରାଯିବା ପରେ ରାତ୍ର ପହୁଡ଼ ହୋଇଥିଲା। ରାଧାଗୋବିନ୍ଦ ଦ୍ୱିବେଦୀ ଓ ସୋମନାଥ ଦାଶ ମା'ଙ୍କ ସମସ୍ତ ରୀତିନୀତି ସମ୍ପାଦନ କରିଥିଲେ। ମା' ରାମଚଣ୍ଡୀ ଠାକୁରାଣୀ ପରିଚାଳନା କମିଟି ସମ୍ପାଦକ ମାଗୁଣି ପୃଷ୍ଟି, ସହସମ୍ପାଦକ ରାଜେନ୍ଦ୍ର ପାତ୍ର, ଗୋବିନ୍ଦ ଦତ୍ତ ଓ କୋଷାଧ୍ୟକ୍ଷ ରବୀନ୍ଦ୍ର ପଡ଼ିଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ ବହୁ ଭକ୍ତ ସାମିଲ ହୋଇଥିଲେ।

### ମହାପ୍ରଭୁଙ୍କୁ ପଦ୍ମଫୁଲ ଦେଲେ ଚିନ୍ତାମଣି

**୧୨ ବର୍ଷ ହେଲା କରିଆସୁଛନ୍ତି ଏଭଳି ସେବା**

**ପୁରୀ ଅଫିସ ୨।୨:** ଶ୍ରୀବିଗ୍ରହମାନଙ୍କ ପଦ୍ମବେଶ ପାଇଁ ବୁଧବାର ଭୁବନେଶ୍ୱରର ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ଦାସ ପଦ୍ମଫୁଲ ଯୋଗାଇ ଦେଇଛନ୍ତି। ଦାସ ଗତ ୧୨ବର୍ଷ ହେବ ଏଭଳି ଭାବେ ପଦ୍ମଫୁଲ ଯୋଗାଇ ମହାପ୍ରଭୁଙ୍କ ସେବା କରିଆସୁଛନ୍ତି। ସେ ପ୍ରତିବର୍ଷ ସ୍ତ୍ରୀଙ୍କ ସହ ଶ୍ରୀକ୍ଷେତ୍ରକୁ ଆସି ପଦ୍ମଫୁଲ ଅର୍ପଣ କରିଥାନ୍ତି। ତେବେ ଚଳିତ ବର୍ଷ ତାଙ୍କ ସ୍ତ୍ରୀ ଅସୁସ୍ଥ ଥିବାରୁ ସେ ଜଣେ ବନ୍ଧୁ ଓ ଜ୍ୱାଇଁଙ୍କ ସହ ଆସି ପଦ୍ମଫୁଲ ଅର୍ପଣ କରିଛନ୍ତି। ଦାସ କହିଛନ୍ତି, ପଦ୍ମବେଶରେ ମହାପ୍ରଭୁ ସୋଲରେ ସୁସଜ୍ଜିତ ହେଉଥିବା ସେ ଶୁଣିବାକୁ ପାଇଥିଲେ। ତେବେ ସେ ମହାପ୍ରଭୁଙ୍କୁ ପଦ୍ମଫୁଲ ଦେବା ପାଇଁ ମନସ୍ଥ କରିଥିଲେ। ଫଳରେ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ କରି ଲିଜ୍‌ରେ ପୋଖରୀ ନେଇ ପଦ୍ମଫୁଲ ଚାଷ କରି ମହାପ୍ରଭୁଙ୍କୁ ଦେଇଆସୁଛନ୍ତି। ଚଳିତ ବର୍ଷ ସେ ୪ଟି ପୋଖରୀରେ ପଦ୍ମଫୁଲ ଚାଷ କରିଥିଲେ। ୩ଟି ବେତାରେ ପଦ୍ମଫୁଲ ଆଣିଥିଲେ। ସେଥିମଧ୍ୟରୁ ଦୁଇଟି ବେତା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏବଂ ଅନ୍ୟ ବେତାରୁ ଗୋଟିଏ ପୁଟୁଳି ମା' ମହାଲକ୍ଷ୍ମୀଙ୍କୁ ପ୍ରଦାନ କରିଥିଲେ। ସେହିପରି ମା' ବାଟମଙ୍ଗଳା, ମା' ବିମଳା ଏବଂ ମା' ଭୁବନେଶ୍ୱରୀଙ୍କୁ ଗୋଟିଏ ଲେଖାଏ ପୁଟୁଳି ପ୍ରଦାନ କରିଥିଲେ। ୧୦୮ ପଦ୍ମଫୁଲରେ ମାଳ ପ୍ରସ୍ତୁତ କରାଯାଇଛି। ମହାପ୍ରଭୁଙ୍କ ଏହି ସେବା କରି ସେ ନିଜକୁ ଧନ୍ୟ ମନେ କରୁଥିବା ଦାସ କହିଛନ୍ତି। ଜୀବନ ଥିବା ପର୍ଯ୍ୟନ୍ତ ସେ ପ୍ରତିବର୍ଷ ପଦ୍ମଫୁଲ ଯୋଗାଇ ଦେବେ ବୋଲି ଦାସ କହିଛନ୍ତି।

# କୋଣାର୍କ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମୀକ୍ଷା

**କୋଣାର୍କ,୨।୨(ଡି.ଏନ୍.ଏ.)**

କୋଣାର୍କ ସୌନ୍ଦର୍ଯ୍ୟକରଣ ଯୋଜନାରେ ରାଜ୍ୟ ସରକାର କୋଣାର୍କକୁ ସୁନ୍ଦର ସହର ଭାବେ ଗଢ଼ି ତୋଳିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟ ଆଗେଇ ନେବାକୁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ବୁଧବାର ପୂର୍ବାହ୍ନରେ ଜିଲାପାଳ ସମର୍ଥ ବର୍ମା କୋଣାର୍କରେ ପହଞ୍ଚି ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ନୂଆ ରିଂ ରୋଡ୍ ନିର୍ମାଣ ଶେଷ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ପୂର୍ବରୁ ରିଂ ରୋଡ୍ ସର୍ଭେ କାର୍ଯ୍ୟ ସରିଯାଇଛି। ପ୍ରଥମେ ପ୍ରସ୍ତାବିତ ନୂଆ ୬ ଥାକିଆ ରିଂରୋଡ୍ କାର୍ଯ୍ୟ ଆଗେଇ ଚାଲିଛି। ଏହି ରିଂ ରୋଡ୍ ଚନ୍ଦ୍ରଭାଗା ବଜାରରୁ ବାହାରି ଆଇବି ଛକ, ମେଡିକାଲ ପଛପାଖ ଦେଇ ଥାନାଛକ ନିକଟ କୋଣାର୍କ ଆଶ୍ରମ ସ୍କୁଲ ସମ୍ମୁଖରେ ମିଶିବ। ରିଂରୋଡ୍ ସୌନ୍ଦର୍ଯ୍ୟକରଣ କରାଯାଇ ରାସ୍ତା ଉଭୟ ପାର୍ଶ୍ୱରେ ଭେଣ୍ଡିଂ ଜୋନ ରହିବ। ପଥଚାରୀଙ୍କ ପାଇଁ ରାସ୍ତା ନିର୍ମାଣ ସହ ରାସ୍ତା ଆଲୋକୀକରଣ କରାଯିବ। ପ୍ରବେଶ ପଥ ନୂଆ ରୂପରେ ଶୋଭା ବଢ଼ାଇବ। ସୂର୍ଯ୍ୟମନ୍ଦିର ଦକ୍ଷିଣ ଓ ପଶ୍ଚିମପାର୍ଶ୍ୱ ଜଙ୍ଗଲ ଜମିରେ ପଞ୍ଚତାରକା ହୋଟେଲ ଓ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ହେବ। ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱରେ ସମସ୍ତ ଜବରଦଖଲ ଉଚ୍ଛେଦ କରାଯିବ। ଏହି ରିଂରୋଡ୍ ନିର୍ମାଣରେ ବିସ୍ଥାପିତଙ୍କୁ ପ୍ରଥମେ ଥଇଥାନ ଓ ପରେ ଉଚ୍ଛେଦ କରାଯିବ। ରିଂରୋଡ୍ ନିର୍ମାଣ ସରିଲେ ସୂର୍ଯ୍ୟମନ୍ଦିର ପାରିପାର୍ଶ୍ୱିକ ବିକାଶ ଓ ସୌନ୍ଦର୍ଯ୍ୟକରଣ ଯୋଜନା ହାତକୁ ନିଆଯିବ। ଶେଷରେ ଜିଲାପାଳ ସ୍ଥାନୀୟ କେତୋଟି ସ୍ମାର୍ଟ ବିଦ୍ୟାଳୟ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଦାମୋଦର ଉଚ୍ଚ ବାଳିକା ବିଦ୍ୟାଳୟ, ରୁଦ୍ରାଣୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ବିଭିନ୍ନ କାର୍ଯ୍ୟ ଦେଖିଥିଲେ। ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା, କୋଣାର୍କ ଏନ୍ଏସି ନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ଗୋପ ବିଡିଓ ଦୀପ୍ତିରାଣୀ ଦାସ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ର ପୁରୋହିତଙ୍କୁ ଥଇଥାନ କରାଯାଉ

**ପୁରୀ ଅଫିସ, ୨।୨**

ପୁରୋହିତମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଶ୍ରୀକ୍ଷେତ୍ର ପୁରୋହିତ ସମିତି ପକ୍ଷରୁ ବୁଧବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ସମିତି କର୍ମକର୍ତ୍ତା ଦର୍ଶାଇଛନ୍ତି, ଗତ ଦୁଇବର୍ଷ ହେଲା କରୋନା କଟକଣା ପାଳନ ପୂର୍ବକ ଜିଲା ପ୍ରଶାସନ ଶ୍ରୀକ୍ଷେତ୍ର ପୁରୋହିତ ସମିତି ସଦସ୍ୟମାନଙ୍କୁ ଶ୍ରୀମନ୍ଦିରକୁ ପ୍ରବେଶ ଅନୁମତି ଦେଇନାହିଁ। ତେବେ ଶ୍ରୀମନ୍ଦିର ଖୋଲିବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଶ୍ରୀକ୍ଷେତ୍ର ପୁରୋହିତ ସମିତି ସଦସ୍ୟମାନଙ୍କ ନିମନ୍ତେ କୌଣସି ବ୍ୟବସ୍ଥା ହୋଇନାହିଁ। ପରମ୍ପରା ଅନୁସାରେ ଦୀର୍ଘବର୍ଷ ଧରି ପୁରୋହିତମାନେ ବାଇଶିପାହାଚରେ ପୂର୍ବ ପୁରୁଷମାନଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ଓ ପୂଜା କରିଆସୁଥିଲେ। ମାତ୍ର ମହାମାରୀ କରୋନା ପରଠାରୁ ପୁରୋହିତମାନେ ବାଇଶିହାଚରେ ପିଣ୍ଡଦାନ କରିବାରୁ ବଞ୍ଚିତ ହେଉଛନ୍ତି। ବିଭିନ୍ନ ସମସ୍ୟା ମଧ୍ୟରେ ପିଣ୍ଡଦାନ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହି ପରମ୍ପରାକ ବଜାୟ ରଖିବା ପାଇଁ ଶ୍ରୀକ୍ଷେତ୍ର ପୁରୋହିତ ସମିତି ସଦସ୍ୟମାନଙ୍କୁ ବାଇଶିପାହାଚରେ ପୁନଃ ଥଇଥାନ ନିମନ୍ତେ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସମିତିର ସମ୍ପାଦକ ସରୋଜ ଚନ୍ଦ୍ର ଦାଶ, ପ୍ରସନ୍ନ କୁମାର ମହାପାତ୍ର, ନବ କିଶୋର ମିଶ୍ର, ପ୍ରସନ୍ନ କୁମାର ନନ୍ଦ, ଶିବନାରାୟଣ ଦାଶ, ମନୋରଞ୍ଜନ ନନ୍ଦ, ଶ୍ରୀକାନ୍ତ ଶତପଥୀ, ସରୋଜ କୁମାର କର, ସୂର୍ଯ୍ୟନାରାୟଣ ଦାଶ ଏବଂ ବଳରାମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ପୂର୍ବରୁ ମଧ ସମିତି ଉକ୍ତ ସମସ୍ୟା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲା।

## ଜବରଦଖଲମୁକ୍ତ ହେଲା ବିଦ୍ୟାଳୟ ଜମି

**ସାକ୍ଷୀଗୋପାଳ,୨।୨ (ଡି.ଏନ୍.ଏ./ସ୍ୱ.ପ୍ର.)**

ସାକ୍ଷୀଗୋପାଳ ମନ୍ଦିର ନିକଟସ୍ଥ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କିଛି ଜମି ବୁଧବାର ଜବରଦଖଲ ମୁକ୍ତ ହୋଇଛି। ସ୍ଥାନୀୟ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ୬୦ ଦଶକରେ ସେହି ଜମିରେ ଗଢ଼ି ଉଠିଥିବା ସାକ୍ଷୀଗୋପାଳ ମହିଳା ଶିଳ୍ପ ସମବାୟ ସମିତିର ପରିତ୍ୟକ୍ତ ବିପଦସଙ୍କୁଳ କୋଠାଗୃହକୁ ଜେସିବି ଲଗାଇ ଭାଙ୍ଗି ଦିଆଯାଇଛି। ପୁରୁଣା ମହିଳା ସମିତିକୁ ଭଙ୍ଗାଯାଉଥିବା ବେଳେ କେତେଜଣ ଯୁବକ ପହଞ୍ଚି ବିରୋଧ କରିଥିଲେ। ଖବରପାଇ ବିଡିଓ କ୍ଷୀରୋଦ ବେହେରା, ତହସିଲଦାର ଜୟନ୍ତ ଜୟସିଂ, ଆରଆଇ ଶ୍ୟାମସୁନ୍ଦର ପୂର୍ତ୍ତି, ରଜତ ନାୟକ, କନିଷ୍ଠ ଯନ୍ତ୍ରୀ ଅନୁଲିପ୍ତା ଦାଶ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟାଳୟର ଜମି ସଫା କରାଯାଇ ସେଠାରେ ନୂତନ ଶ୍ରେଣୀ କକ୍ଷ ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ଲୋକଙ୍କୁ ବୁଝାଇଥିଲେ।

# ତୀର୍ଥ ପୁଷ୍କରିଣୀ କାର୍ଯ୍ୟ ଦେଖିଲେ ଜିଲାପାଳ

**କୋଣାର୍କ, ୨।୨(ଡି.ଏନ୍.ଏ)**

ମାଘ ସପ୍ତମୀ ବୁଡ଼ ଲାଗି ଡ୍ରେନେଜ ବିଭାଗ ପକ୍ଷରୁ ଖନନ ଚାଲିଥିବା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି ପୁରୀ ଜିଲାପାଳ ସମର୍ଥ ବର୍ମା। ବୁଧବାର ପୂର୍ବାହ୍ନରେ ଜିଲାପାଳ ଏହି କାର୍ଯ୍ୟ ଅନୁଧ୍ୟାନ କରିବା ସହ ନିର୍ଦ୍ଧାରିତ ସମୟ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ୭ତାରିଖରେ ମାଘ ସପ୍ତମୀ ବୁଡ଼ ପଡୁଛି। ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ସେବାୟତ, ନୀତିକାନ୍ତି ସହ ଜଡ଼ିତ ସୀମିତ ସଂଖ୍ୟକ ଶ୍ରଦ୍ଧାଳୁଙ୍କୁ ନେଇ ତିନି ଠାକୁରଙ୍କ ସ୍ନାନ ନୀତି ଓ ବୁଡ଼ ସମ୍ପନ୍ନ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ଏହି ଅବସରରେ ଡ୍ରେନେଜ ବିଭାଗ ପକ୍ଷରୁ ଖନନ କାର୍ଯ୍ୟକୁ ଜିଲାପାଳ ବର୍ମା ବୁଲି ଦେଖିବା ସହ ଯୁଦ୍ଧକାଳୀନ ଭିତ୍ତିରେ ସାରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ କାର୍ଯ୍ୟ ଶେଷ କରାଯାଇ ଶ୍ରୀପଞ୍ଚମୀରେ କୋଣାର୍କ ଏନ୍ଏସିକୁ ହସ୍ତାନ୍ତର କରାଯିବ ବୋଲି ଡ୍ରେନେଜ ବିଭାଗ ପକ୍ଷରୁ କୁହାଯାଇଛି। ତୀର୍ଥ ପୁଷ୍କରିଣୀ ଜଳରେ ବ୍ଲିଚିଂ ପକାଇ ବିଶୋଧନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପରେ ଜିଲାପାଳ ମାଘବୁଡ଼କୁ ଆସୁଥିବା ମାଧିପୁର ଗ୍ରାମର ତ୍ରିବେଣୀଶ୍ୱର, ସନ୍ଥପୁର ଗ୍ରାମର ଐଶାନେଶ୍ୱର ଓ କୁରୁଜଙ୍ଗ ଗ୍ରାମର ଦକ୍ଷିଣେଶ୍ୱର ମହାଦେବଙ୍କ ବିଜେସ୍ଥଳୀ ପରିଦର୍ଶନ କରି ଆନୁଷଙ୍ଗିକ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।



ମହାପ୍ରଭୁଙ୍କ ପଦ୍ମବେଶ ପାଇଁ ବୁଧବାର ଭୁବନେଶ୍ୱରର ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ଦାସ ଆଣିଥିବା ପଦ୍ମଫୁଲ।






ଆତ୍ମନିର୍ଭର ବଜେଟ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍‌ବୋଧନର ସିଧା ପ୍ରସାରଣକୁ ବୁଧବାର ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ ନେତୃବୃନ୍ଦ ଦେଖୁଛନ୍ତି।



ମାଘ ସପ୍ତମୀ ବୁଡ଼ ଲାଗି କୋଣାର୍କରେ ଖନନ ଚାଲିଥିବା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ କାର୍ଯ୍ୟକୁ ବୁଧବାର ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀମାନେ ଅନୁଧ୍ୟାନ କରୁଛନ୍ତି।